# ଶ୍ରୀ
# ମହାଲକ୍ଷ୍ମୀ ପୁରାଣ

## shree mahAlakshmI purANa



www.odia.org

ଶ୍ରୀ ମହାଲକ୍ଷ୍ମୀ ପୁରାଣ

*Festivals of Odisha #**106***
***ver 1.1_111907***

*Publisher :- www.odia.org*
*Price :- Priceless*

*Not for any business use*

## ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ଅଷ୍ଟକମ୍

*ଇନ୍ଦ୍ର ଉବାଚଃ*

ନମସ୍ତେସ୍ତୁ ମାହାମାୟେ ଶ୍ରୀପୀଠେ ସୁରପୂଜିତେ
ଶଙ୍ଖ ଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମସ୍ତୁତେ
ନମସ୍ତେ ଗରୁଡାରୂଢେ କୋଳାସୁର ଭୟଙ୍କରୀ
ସର୍ବ ପାପ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ସର୍ବଜ୍ଞେ ସର୍ବ ବରଦେ ସର୍ବ ଦୁଷ୍ଟ ଭୟଙ୍କରୀ
ସର୍ବ ଦୁଖଃ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ସିଦ୍ଧି ବୁଦ୍ଧି ପ୍ରଦେ ଦେବୀ ଭୁକ୍ତି ମୁକ୍ତି ପ୍ରଦାୟିନୀ
ମନ୍ତ୍ର ମୂର୍ତେ ସଦା ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ଆଦ୍ୟନ୍ତରହିତେ ଦେବୀ ଆଦି ଶକ୍ତି ମହେଶ୍ୱରୀ
ଯୋଗଜେ ଯୋଗ ସମ୍ଭୂତେ ମହାଲକ୍ଷ୍ମୀ ନମସ୍ତୁତେ
ସ୍ଥୂଳ ସୂକ୍ଷ୍ମ ମହାରୌଦ୍ରେ ମହାଶକ୍ତି ମହୋଦରେ
ମହାପାପ ହରେ ଦେବୀ ମହାଲକ୍ଷ୍ମୀ ନମସ୍ତୁତେ
ପଦ୍ମାସନେ ସ୍ଥିତେ ଦେବୀ ପରମବ୍ରହ୍ମ ସ୍ୱରୂପିଣୀ
ପରମେଶି ଜଗନ୍ମାତର ମହାଲକ୍ଷ୍ମୀ ନମସ୍ତୁତେ
ଶ୍ୱେତାମ୍ବରଧରେ ଦେବୀ ନାନାଲଙ୍କାର ଭୂଷିତେ
ଜଗତ ସ୍ଥିତେ ଜଗନ୍ମାତର ମହାଲକ୍ଷ୍ମୀ ନମସ୍ତୁତେ

ମହାଲକ୍ଷ୍ମୀ ଅଷ୍ଟକମ ସ୍ତୋତ୍ରମ ଯଃ ପଠେତ୍ ଭକ୍ତିମାନ୍ ନରଃ
ସର୍ବ ସିଦ୍ଧି ମବାପ୍ନୋତି ରାଜ୍ୟମ୍ ପ୍ରାପ୍ନୋତି ସର୍ବଦା
ଏକକାଳମ୍ ପଠେନ୍ ନିତ୍ୟମ୍ ମହା ପାପ ବିନାଶନମ୍
ଦ୍ୱିକାଳମ୍ ଯଃ ପଠେନ୍ନିତ୍ୟମ ଧନ ଧାନ୍ୟ ସମନ୍ୱିତଃ
ତ୍ରିକାଳମ୍ ଯଃ ପଠେନ୍ନିତ୍ୟମ ମହାଶତ୍ରୁ ବିନାଶନମ୍
ମହାଲକ୍ଷ୍ମୀର୍ଭବେନ୍ ନିତ୍ୟମ୍ ପ୍ରସନ୍ନା ବରଦା ଶୁଭା

ନମସ୍ତେ କମଳା ମାଗୋ ସାଗର ଦୁଲ୍ଲଣୀ । ନମସ୍ତେ ନମସ୍ତେ ଲକ୍ଷ୍ମୀ ବିଷ୍ଣୁଙ୍କ ଘରଣୀ ।। ନମସ୍ତେ କମଳାମାଗୋ ଅତି ଦୟାବତୀ । ସ୍ଥାବର ଜଙ୍ଗମ କୀଟ ଆଦି ପାଳୁ ନିତି ।। ତୋର ଦୟାବଳେ ମାଗୋ ଦରିଦ୍ର ଜନର । ହୁଅଇ ଅଟଳ ବିତ୍ତ ଜିଣଇ କୁବେର ।। ତୋର ଦ୍ରୋହୀଜନେ ମାଗୋ ଅନ୍ନ ନ ମିଳଇ । ଯେତେ ଅରଜିଲେ କେଭେଁ ପେଟ ନ ପୁରଇ ।। ତୋହର ଚରିତ ମନ ଦେଇ ଯେ ଶୁଣଇ । କିଅବା ଭକତି ଭାବେ ସର୍ବଦା ଗୁଣଇ ।। ତାହାର ଦରିଦ୍ରପଣ ଯାଏ ଦୂର ହୋଇ । ସର୍ବଦା ତାକୁ ପ୍ରସନ୍ନ ହେଉ ମହାମାୟୀ ।। ଏଣୁ ତୋ ଚରଣେ ମାଗୋ ଅଶେଷ ପ୍ରଣାମ । କରୁଛି ପୁରାଅ ବାରେ ମୋର ମନସ୍କାମ ।। ତୋ ଚରିତ କିଞ୍ଚିତେ ମୁଁ କରିବି ରଚନ । ଜଗତ ଜନନୀ ବାରେ ଦିଅ ଦିବ୍ୟଜ୍ଞାନ ।। ଦିନେକ ନାରଦ ପରାଶର ମୁନି ଦୁଇ । ଭ୍ରମି ଭ୍ରମି ଏକ ଗ୍ରାମେ ପ୍ରବେଶିଲେ ଯାଇଁ ।। ସେହିଦିନ ମାର୍ଗଶୀର ମାସ ଗୁରୁବାର । ପର୍ବ ପଡ଼ିଥିଲା ସର୍ବ ପୁରବାସୀଙ୍କର ।। ପ୍ରତି ଘରଦ୍ୱାର ଗୋମୟରେ ଲିପା ହୋଇ । ଲକ୍ଷ୍ମୀ ପାଦପଦ୍ମ ଚିତା ପଡ଼ିଥିଲା ତହିଁ ।। ନାରୀମାନେ ସ୍ନାନସାରି ପିନ୍ଧି ଝୀନବାସ । ଲକ୍ଷ୍ମୀଙ୍କ ପୂଜାରେ ସର୍ବେ ହୋଇଛନ୍ତି ବଶ ।। ବ୍ରାହ୍ମଣଙ୍କଠାରୁ ଯେ ଚଣ୍ଡାଳ ପରିଯନ୍ତେ । ଲକ୍ଷ୍ମୀଙ୍କ ପୂଜାରେ ରତ ଅଛନ୍ତି ସମସ୍ତେ ।। ହୁଳହୁଳି ଶବ୍ଦରେ ପୁରିଛି ଗଗନ । ଦେଖି ଏ ଉତ୍ସବରୀତି ବିଧାତା ନନ୍ଦନ ।। ପଚାରନ୍ତି ପରାଶର ମୁନିଙ୍କୁ ଉଦନ୍ତ । କହ କହ ତପୀବର ଏ କିସ ଚରିତ ।। ବ୍ରାହ୍ମଣ ଚଣ୍ଡାଳ ଆଦି ସମସ୍ତ ଜାତିରେ । କରୁଛନ୍ତି କି ଉତ୍ସବ ଆନନ୍ଦ ମତିରେ ।। କେଉଁ ବ୍ରତ କି ଉପାସ ଅଟେ ଏହା ନାମ । କାହାକୁ କରନ୍ତି ପୂଜା ତାର କି ନିୟମ ।। ଏହା ଶୁଣି ପରାଶର ହୋଇ ହସ ହସ । କହନ୍ତି ବଚନ ଧୀରେ ଶୁଣ ବିଧିଶିଷ୍ୟ ।। ଏ ଧାନ ମାଣିକା ଗୁରୁବାର ଯେ ଅଟଇ । ଲକ୍ଷ୍ମୀ ଦେବୀଙ୍କର ପୂଜା ଏ ବ୍ରତ ଅଟଇ ।। ସବୁମାସମାନଙ୍କରେ ମାର୍ଗଶୀର ସାର । ତହିଁରେ ପଡ଼ଇ ଯେଉଁ ଯେଉଁ ଗୁରୁବାର ।। ଲକ୍ଷ୍ମୀଙ୍କର ପ୍ରିୟ ସେହି ବାରମାନ ଜାଣ ।

ସବୁଠାରୁ ଆଦ୍ୟ ଗୁରୁବାରଟି ପ୍ରଧାନ ।। ଏକ ଦିନେ ଶୁକଳ ଦଶମୀ ଗୁରୁବାର । ପଡ଼ିଲେ ସୁଦଶାବ୍ରତ ହୁଏ ସେ ଦିନର ।। ଲକ୍ଷ୍ମୀଙ୍କର ଅତିପ୍ରିୟ ଅଟଇ ସେ ବ୍ରତ । ଏହାକହି ପରାଶର ହେଲେ ମୌନବ୍ରତ ।। ପୁଣି ତାହାଙ୍କୁ ପୁଚ୍ଛିଲେ ବ୍ରହ୍ମାଙ୍କ କୁମର । ଲକ୍ଷ୍ମୀବ୍ରତ କରିଥିଲେ ମର୍ତ୍ତ୍ୟେ କେଉଁ ନର ।। ତହିଁରୁ ସେ କେଉଁ ଶୁଭଫଳ ଲଭିଅଛି । ଲକ୍ଷ୍ମୀ ଦ୍ରୋହୀ ହୋଇକରି କେ ଦୁଃଖ ପାଇଛି ।। ଏହା ସବୁ ମୋ ଆଗରେ କହତପୀ ସାଇଁ । ଶୁଣିବାକୁ ତାହା ଚିତ୍ତେ ଶ୍ରଦ୍ଧା ଉପୁଜଇ ।। ନାରଦ ବଚନ ଶୁଣି ପରାଶର ମୁନି । କହନ୍ତି ହରଷ ଚିତ୍ତେ ସୁମଧର ବାଣୀ ।। ଧନ୍ୟ ହେ ନାରଦ ତୁମ୍ଭେ ପବିତ୍ର ଚରିତ୍ର । ଲକ୍ଷ୍ମୀବ୍ରତ କଥାରେ ଯେ ହୋଇଅଛ ରତ ।। କହୁଅଛି ପୁରାତନ କଥା ଅଛି ଯାହା । ହୋଇବ ଆନନ୍ଦ ଜାତ ଶୁଣିଲେଟି ତାହା ।। ଏକଦିନେ ଜଗନ୍ନାଥ ପାଶେ ଲକ୍ଷ୍ମୀଥିଲେ । କରପତ୍ର ଯୋଡ଼ିଣ ତାହାଙ୍କୁ ଜଣାଇଲେ ।। ଆଜି ମୋ ବାରର ବ୍ରତ ପଡ଼ିଲା ଗୋସାଇଁ । ତୁମ୍ଭେ ଆଜ୍ଞାଦେଲେ ନଗ୍ର ବୁଲିଯିବି ମୁହିଁ ।। ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ନଗ୍ରହିଁ ବୁଲିବ ।। ଦଶମୀ ପାଳନା ଅନ୍ନ ବେଗେ ରାନ୍ଧିଦେବ ।। ପ୍ରଭୁଙ୍କ ମୁଖରୁ ମାତ ଏମନ୍ତ ଶୁଣିଲେ । ବସ୍ତ୍ର ଅଳଙ୍କାରମାନ ଯତନେ ପିନ୍ଧିଲେ ।। ନାସିକାରେ ନବରତ୍ନ ବସଣି ଖଞ୍ଜିଲେ । ଚଉସରୀ ରତ୍ନମାଳା କଣ୍ଠେ ଲମ୍ବାଇଲେ ।। କରରେ ବାହୁଟି ରମ୍ୟବଳୟ କଙ୍କଣ । ସୁନା ସୁତା ମାଣିକ୍ୟ ପଦକ ଆଭରଣ ।। ବାଜେଣି ନୂପୁର ମାତା ପୟରେ ଖଞ୍ଜିଲେ । ଏପରି ନାନା ଭୂଷଣେ ସୁବେଶ ହୋଇଲେ ।। ଯେବଣ ମାତାଙ୍କ ଅଧିକାର ତିନିପୁର । ଆଭରଣ କେତେ ମାତ୍ର ଦେବା ପଟାନ୍ତର ।। ଶୁଣ ହେ ନାରଦ ଏହା ହୋଇ ଏକଚିତ୍ତ । ବୁଢ଼ୀ ବ୍ରାହ୍ମଣୀ ରୂପକୁ ଧରି ଜଗନ୍ମାତ ।। ପ୍ରବେଶ ହୋଇଲେ ଯାଇଁ ସାଧୁର ଦୁଆରେ । ସାଧବାଣୀ ଉଭା ହୋଇଥିଲା ସେହିଠାରେ ।। ତାକୁ ଦେଖି ମହାଲକ୍ଷ୍ମୀ କହନ୍ତି ବଚନ । ଶୁଣ ଶୁଣ ସାଧବାଣୀ ହୋଇ ସ୍ଥିରମନ ।। ଆଜିପରା ମହାଲକ୍ଷ୍ମୀ ବ୍ରତ ଗୁରୁବାର । ଲିପା ପୋଛା କରିନାହୁଁ କିମ୍ପା ଘରଦ୍ୱାର ।। ସାଧବାଣୀ ଏହା ଶୁଣି ବୋଲଇ ସେକ୍ଷଣି । କି ରୂପେ ଏ ବ୍ରତ ହୁଏ କାହା ପୂଜାପୁଣି ।। ବୁଝାଇ ତା ସବୁ କହ ହେ ନାନୀଗୋସାଇଁ । ଅଇଲେ ମନକୁ ସେ ବ୍ରତ ମୁଁ କରିବଇଁ ।। ଏହାଶୁଣି ପଦ୍ମାଳୟା କହନ୍ତି ସଧୀରେ । ଶୁଣ ସାଧବାଣୀ ବ୍ରତ ହୁଏ ଏ ବିଧିରେ ।। ମାର୍ଗଶିର ମାସେ ଯେଉଁ ଆଦ୍ୟ ଗୁରୁବାର । ସେଦିନ ଉଷାରୁ ଶେଯ ଛାଡ଼ି ତତପର ।। ଗୋମୟ ଜଳରେ ଘର ଦୁଆର ଲିପିବ । ଲକ୍ଷ୍ମୀଦେବୀ ପାଦପଦ୍ମ ଚିତାକୁ ଲେଖିବ ।। ନୂଆ ମାଣ ଗୋଟିଏ ଅଣାଇ ଯତ୍ନେ ବେଗେ । ଧୋଇ ଧାଇ କରି ତାକୁ ଶୁଖାଇବ ଆଗେ ।। ତାହାକୁ କରିବ ନାନା ଚିତ୍ର ଯେ ବିଚିତ୍ର । ଚାଉଳକୁ ବାଟି ଚିତା ଲେଖିବ ସମସ୍ତ । ତହିଁ ସ୍ନାନ କରିଆସି ହୋଇ ସୁଚିମନ୍ତ । ଚଉକି ବା ଖଟୁଲିଏ ଆଣିବ ତ୍ୱରିତ । ତାକୁ ଧୋଇ ତା' ଉପରେ ଦେବ ନୂଆଧାନ । ରଙ୍ଗକଳା ନୋହି ହୋଇଥିବ ଶୁକ୍ଳବର୍ଣ୍ଣ ।। ତହୁଁ ବିଛି କୁଢ଼ାଇ ଯେ ସେ ନୂଆମାଣରେ । ଧାନମାଣ ଯେ ପୁରାଇ ରଖିବ ତାପରେ ।। ସେ ଧାନ ମାଣ ଉପରେ ଗୁଆ ତିନିଗୋଟି । ହଳଦୀ ପାଣିରେ ତାହା ଧୋଇ ଥୋଇବଟି ।। ଶୁକଳ ଧାନର ଶିଶା ରଖି ବେଷ୍ଟିକରି । ମାଣ ଉପରେ ତାହାକୁ ଥୋଇବ ବିଚାରି ।। ଗୁଆ ଆଖୁ ମୂଳା କଦଳୀରେ ସଜାଡ଼ିବ । ପଟ୍ଟାଦିରଙ୍ଗବସନ ପୁଷ୍ପେ ମଣ୍ଡାଇବ ।। ତହୁଁ ଆବାହନ ମହାଲକ୍ଷ୍ମୀଙ୍କୁ କରିବ । ଗନ୍ଧପୁଷ୍ପ ଧୂପଦୀପ ଆଦି ସମର୍ପିବ ।। ପ୍ରଥମରେ ବାଳଧୂପ ତାପରେ ଶଙ୍ଖୁଡ଼ି । ଏପରି କରିବ ତିନିଧୂପକୁ ସଜାଡ଼ି । ମହାଲକ୍ଷ୍ମୀଙ୍କର ଆଉ ଏକ ବ୍ରତ ଅଛି । ସୁଦଶା ବୋଲି ତା ନାମ ଲୋକେ ପ୍ରକଟିଛି ।। ଶୁକଳଦଶମୀ ହେଲେ ଗୁରୁବାର ଦିନ । ହୁଅଇ ସୁଦଶାବ୍ରତ ଶୁଣ ଦେଇ ମନ ।। ସେଦିନ ଉଷାରୁ ଉଠି ଲିପି ଘରଦ୍ୱାର । ଝୋଟି ଆଦି ଚିତା ଦେବ ପୂର୍ବ ପରକାର ।। ସ୍ନାନ ସାରି ଗୃହେ ପଦ୍ମମଣ୍ଡଳ ଲେଖିବ । ତହିଁପରେ ଧୋଇ ଏକ ଖଟୁଲି ରଖିବ ।। ତହିଁପରେ ଲକ୍ଷ୍ମୀପୂଜା ଗୁଆକୁ

ଥୋଇବ । ପଞ୍ଚାମୃତ ଶୁଦ୍ଧଜଳେ ସ୍ନାନ କରାଇବ ।। ଦଶଖିଅ ସୂତାରେ ଯେ ବ୍ରତେକ କରିବ । ଲକ୍ଷ୍ମୀଙ୍କ ନାମରେ ଦଶଗୋଟି ଗଣ୍ଠିଦେବ ।। ଦଶକେରା ଦୁବରେ ସେ ବ୍ରତ ଗୁଡ଼ାଇବ । ମହାଲକ୍ଷ୍ମୀ ଗୁଆ ପାଶେ ତାହାକୁ ଥୋଇବ ।। କରୁଥିଲେ ପୂର୍ବରୁ ସେ ବ୍ରତ ପୁରାତନ । ବ୍ରତଡୋର ଆଣିତହିଁ ଥୋଇବ ବହନ ।। ପ୍ରଥମରେ ବାଳଧୂପ ନଇବେଦ୍ୟ କରି । ତାପରେ ଯା ଭୋଗଦେବ ଶୁଣ ହେତୁକରି ।। ଅରୁଆ ଚାଉଳ ଏକାମାଣ ତିନ୍ତାଇବ । ତାକୁ କୁଟି ଚୂନା କରି ଯତନେ ରଖିବ ।। କଦଳୀ ନଡ଼ିଆ ଛେନା ଆଦି ଦଶପୁର । ଦେଇ ଦଶଗୋଟି ମଣ୍ଡା କରିବ ସତ୍ୱର ।। ମହାଲକ୍ଷ୍ମୀଙ୍କୁ ତା ପୂଜାକରି ଭକ୍ତି ଚିତ୍ତେ । ସେ ପ୍ରସାଦ ଖାଇ ଦିନ ବଞ୍ଚିବ ଯେ ସୁଖେ । ମହାଲକ୍ଷ୍ମୀ ପ୍ରସାଦ ଯେ ପରକୁ ନ ଦେବ । ବିଭା ହୋଇଥିବା ଝିଅ ସୁଦ୍ଧା ନ ଖାଇବ ।। ଏ ଉତ୍ତାରୁ କଥା ଏକ ମନଦେଇ ଶୁଣ । ଗୁରୁବାର ଦିନ ଯେଉଁ କଥା ନିବାରଣ ।। ସେ କଥା କହୁଛି ଏବେ ସାଧବାଣୀ ଶୁଣ । କେବେ ନ ଭାଜିବ ଖଇ ଗୁରୁବାର ଦିନ ।। ଯେଉଁ ନାରୀ ଗୁରୁବାର ଦିନରେ ଆମିଷ । ଭୁଞ୍ଜାଇ ଲୋଭରେ କିମ୍ବା ନ ପଖାଳେ କେଶ ।। ଭୁଞ୍ଜାଇ ଉଚ୍ଛିଷ୍ଟ କିମ୍ବା ଲଗାଏ ସେ ତେଲ । ମହାଲକ୍ଷ୍ମୀ ତାର ନିଶ୍ଚେ ଭାଙ୍ଗିବେଟି ଗେଲ ।। ଗୁରୁବାରେ ଯେଉଁ ନାରୀ ଚୁଲାକୁ ଭିଣଇ । ଲାଉରେ ଆମିଷ ଦେଇ ଯେ ଗ୍ରାସ କରଇ ।। ଖଟର ଛାୟାରେ ଯେହୁ କରଇ ଶୟନ । ରାତ୍ରକାଳେ ଦଧିଅନ୍ନ ଯେ କରେ ଭୋଜନ ।। କ୍ଷୌର ହୁଏ ଯେହୁ ଯାଇ ନାପିତର ଦ୍ୱାରେ । ଭୋଜନ ସମୟେ ଅନ୍ନ ପକାଏ ଭୂମିରେ ।। ଭୁଞ୍ଜି ନ ପାରିଣ ଅନ୍ନ ଫୋପଡ଼ାଇ ଦିଏ । ଏତେକର୍ମ ଯେ କରେ ସେ ଲକ୍ଷ୍ମୀଙ୍କୁ ନ ପାଏ ।। ଗୁରୁବାର ଦିନ ସକାଳୁ ଯେ ଗୋମୟରେ । ଦୁଆର ଯେ ନ ଲିପଇ ଅଳସ ପଣରେ ।। ଚୂଲିରୁ ନ କାଢ଼େ ପାଂଶ ଭକ୍ଷେ ଯେ ଆମିଷ । ଏମାନଙ୍କଠାରେ ଲକ୍ଷ୍ମୀ କରନ୍ତି ଯେ ରୋଷ ।। ଧନ ଜନ ସବୁ ତାର ହରଣ କରନ୍ତି ।

ମାଗିଗଲେ ଅନ୍ନବସ୍ତ୍ର କେହି ନ ଦିଅନ୍ତି ।। ଗୁରୁବାରେ ଯେଉଁନାରୀ ପିନ୍ଧେ ଶୁକ୍ଳଲୁଗା । ଐଶ୍ୱର୍ଯ୍ୟ ସମ୍ପଦ ପାଏ ହୁଅଇ ସୁଭାଗା ।। ଗୁରୁବାରେ ଯେଉଁ ନାରୀ ପିଲାକୁ ମାରଇ । କିମ୍ବା ପାକହାଣ୍ଡି ଧୋଇ କଳା ନ ଛାଡ଼ଇ ।। ସନ୍ଧ୍ୟା ଗଡ଼ିଗଲେ ଯେ ଦିଅଇ ସନ୍ଧ୍ୟାବତୀ । ଧନପୁତ୍ର ହାନି ହୁଏ ସଦା ବହୁ କ୍ଷତି ।। ଗୁରୁବାରେ ଯେଉଁ ନାରୀ ପୋଡ଼ାଦ୍ରବ୍ୟ ଖାଏ । ଶୋଇବା ଶଯ୍ୟାକୁ ବଙ୍କା କରିଣ ବିଛାଏ ।। ଶାଶୁ ଶ୍ୱଶୁରଙ୍କୁ ନ ମାନଇ ଯେ ରମଣୀ । ଉଲଗ୍ନ ହୋଇ ଶୟନ କରଇ ଯେ ପ୍ରାଣୀ ।। ଅମାବାସ୍ୟା ସଂକ୍ରାନ୍ତିରେ ଯେ ବୁଲାଏ ହଳ । ଏହି ଦିନମାନଙ୍କରେ ଘେନଇ ତଇଳ ।। ସଭାରେ ବସିଣ ଯେ ମାନବ ମିଛ କହି । ଆଳସ୍ୟେ ପାଦ ନ ଧୋଇ ଯେ ଭୁଞ୍ଜି ବସଇ ।। କୁଷ୍ମାଣ୍ଡ ଫଳକୁ ଯେହୁ ରମଣୀ କାଟଇ । ଋତୁମତି ନାରୀକି ଯେ ରମଣ କରଇ ।। କନ୍ୟା ତୁଳା ମାସେ ପିତୃଶ୍ରାଦ୍ଧ ନ କରଇ । କଥା କହୁ କହୁ ସବୁବେଳେ ଯେ ହସଇ ।। ଏମନ୍ତ ମନୁଷ୍ୟ ସଦା ବହୁକଷ୍ଟ ପାଇ । ଆୟୁବୃଦ୍ଧି ନାଶହୁଏ ଅନ୍ନ ନ ମିଳଇ ।। ଗୁରୁବାର ଅମାବାସ୍ୟା ସଙ୍କରାନ୍ତି ଦିନ । ରଜନୀରେ ସ୍ତ୍ରୀ ପୁରୁଷ କଲେକ ଭୋଜନ । କିମ୍ବା ଏହି ତିନିଦିନ ଯେଉଁ ନାରୀ ମୋହେ । ପୁରୁଷ ସଙ୍ଗରେ ମାତି ଧର୍ମକୁ ନ ଚାହେଁ ।। ପ୍ରାଣେ ନାଶ ନ କରିଣ ତାକୁ ଦୁଃଖ ଦେଇ । ବୁଲନ୍ତି ଯେ ଅନ୍ନବସ୍ତ୍ର କାହିଁ ନ ମିଳଇ ।। ଏତିନି ଦିନରେ ଯେହୁ ତିକ୍ତଦ୍ରବ୍ୟ ଖାନ୍ତି । ଅନ୍ତଃକାଳେ ଯମଦ୍ୱାରେ ନାନା ଦଣ୍ଡପାନ୍ତି ।। ଏ ତିନିଦିନ ଯେ ନାରୀ କରଇ ହବିଷ୍ୟ । ଦୁଃଖୀ ରଙ୍କୀ ଦେଖି ଦାନ କରଇ ବିଶେଷ ।। କରେ ଲକ୍ଷ୍ମୀବ୍ରତ ଲକ୍ଷ୍ମୀବାରେ ଉପବାସ । ବଢ଼ଇ ତାହାର ଧନ ଜନ ଆୟୁଯଶ ।। ସକାଳୁ ଶେଯରୁ ଉଠି ଯେ ମୁଖ ନ ଧୁଏ । ତା ମୁଖ ଯେ ଜନ ଦେଖେ ତାର ଶୁଭନୁହେଁ ।। ରାତ୍ରଶେଷେ ବାସି ଶେଯେ ଯେ କରେ ଶୟନ । ତା ଗୃହକୁ ଲକ୍ଷ୍ମୀତ୍ୟାଗ କରନ୍ତି ବହନ ।। ଆସନ ବିନା ଯେ ଭୂମିପରେ

ବସି ଖାଏ । କିବା ଯେ କୁମାରୀ ସଙ୍ଗତ୍ୱରେ କାମମୋହେ ।। ଦକ୍ଷିଣ ପଶ୍ଚିମ ମୁଖେ ଯେ ଭୁଞ୍ଜି ବସଇ । ଏମାନଙ୍କ ପାଶୁ ଲକ୍ଷ୍ମୀ ଯା'ନ୍ତି ଦୂରହୋଇ ।। ସନ୍ଧ୍ୟାରେ କୁଣ୍ଡାଇ କେଶ ବାନ୍ଧେ ଯେଉଁ ନାରୀ। କେଭେ ନ ଦେଖନ୍ତି ଲକ୍ଷ୍ମୀ ତାହାର ଯେ ଶିରୀ ।। ଭୋଜନକରି ଯେ ମୁଖ ଶୋଧନ ନ କରେ । ଭୋଜନ କରଇ ଯେହୁ ଅନ୍ଧକାର ଘରେ ।। ସ୍ନାନପରେ ହୁଅଇ ଯେ ତଇଳ ମର୍ଦ୍ଦନ। କରଇ ଯେ ନଖମୁନେ ଭୂମି ବିଦାରଣ ।। ପିନ୍ଧିଥିବା ଲୁଗା ଶେଷେ ଯେ ବିଞ୍ଚି ହୁଅଇ । ଏମାନଙ୍କ ବଦନକୁ ଲକ୍ଷ୍ମୀ ନ ଚାହିଁଇ ।। ଯେଉଁ ନାରୀ ନିଜ ପତିଠାରେ ରୋଷବହେ । ସ୍ୱାମୀ ଯାହା ବୋଲେ ତାହା ନ କରେ କେବେହେଁ ।। ପର ପୁରୁଷରେ ଯେହୁ ହୋଇଥାଏ ରତ। ପରିଷ୍କୃତ ନୋହି ହୁଏ ଯେ ନାରୀ କୁତ୍ସିତ ।। ଏମନ୍ତ ନାରୀଙ୍କ ମୁଖ ଲକ୍ଷ୍ମୀ ନ ଦେଖନ୍ତି । କାଙ୍ଗାଳିନୀ ହୋଇ ବାରଦ୍ୱାରେ ସେ ବୁଲନ୍ତି ।। କଳହ ଅଳସୀ ଅତି ଅପ୍ରିୟ ସାହସୀ । ଦେବ ବିପ୍ର ଅତିଥିରେ ନୁହଁଇ ବିଶ୍ୱାସୀ ।। ଏପରି ନାରୀ ଯା ଗୃହେ ଥାଏ ସେ ଶ୍ମଶାନ। ଲକ୍ଷ୍ମୀ ସେ ସ୍ଥାନକୁ ସଦା କରନ୍ତି ବର୍ଜନ। ଯେଉଁନାରୀ ଭକ୍ତିଚିତ୍ତେ ନ ସେବେ ସ୍ୱାମୀକୁ । ସେହୁ ଜନ୍ମେ ଜନ୍ମେ ହୁଏ ସ୍ୱାମୀ ଦୁଃଖେ ଦୁଃଖୀ ।। ଯେଉଁ ନାରୀ ସ୍ୱାମୀ କି ଦେବତା ସମମଣି । ସେବାକରି ତୋଷୁଥାଏ ତାର ମତି ଚିହ୍ନି ।। ନିଜ ଅଙ୍ଗ ପରିଷ୍କାର କରି ଶୁଚି ହୁଏ । ସାନବଡ଼ ସମସ୍ତଙ୍କୁ ସମଭାବେ ଚାହେଁ।। ପରଷିବା କାଳେ ପକ୍ଷପାତ ଯେ ନକରେ। ସ୍ୱାମୀ ପୁତ୍ର ସମସ୍ତଙ୍କୁ ବାଢ଼େ ସମାନରେ ।। ପତିର ଆଜ୍ଞାକୁ କେଭେ ନ'ପକାଏ ତଳେ । ସ୍ୱାମୀ ଦୁଃଖେ ଦୁଃଖୀ ସୁଖେ ସୁଖୀ ହୋଇଚଳେ ।। ଏମନ୍ତ ନାରୀର ଗୃହ ଲକ୍ଷ୍ମୀ ନ ଛାଡ଼ନ୍ତି । ତାର ଦୁଃଖ ନୟନରେ କେବେ ନ ଦେଖନ୍ତି ।। ଏ ମର୍ତ୍ତ୍ୟ ମଣ୍ଡଳେ ସେହୁ ବହୁ ସୁଖପାଏ । ପତି ପୁତ୍ରକନ୍ୟା ଅଇଶ୍ୱର୍ଯ୍ୟ ଯୁକ୍ତ ହୁଏ ।। ଅନ୍ତକାଳେ ବଇକୁଣ୍ଠେ ଲକ୍ଷ୍ମୀଙ୍କ ସଙ୍ଗରେ। ଅନୁକ୍ଷଣେ ମଜ୍ଜି ରହେ ପ୍ରମୋଦ ରଙ୍ଗରେ।। ସଧବା ନାରୀର ପତିବିନା ନାହିଁ ଗତି । ତପ ଜପ ଦେବ ପୂଜା ତାହାର ଅନୀତି ।। ପତିସେବା ଛାଡ଼ି ବୃଥା ବ୍ରତ ଯେ କରଇ । ଜନ୍ମ ଜନ୍ମାନ୍ତରେ ବାଲ୍ୟ ବିଧବା ହୁଅଇ ।। ଯେଉଁ ନାରୀ ଆନନ୍ଦରେ ଅତିଥି ସେବଇ। ପୁଣ୍ୟବତୀ ବୋଲି ତାକୁ ପୁରାଣରେ କହି।। ଏମନ୍ତ ପ୍ରକାରେ ଯେଉଁ ନାରୀ ବା ପୁରୁଷ । ଆପଣାର କୁଳଧର୍ମ ନ ଛାଡ଼ନ୍ତି ଲେଶ ।। ସଦାବେଳେ କରନ୍ତି ଉତ୍ତମ ଆଚରଣ । ଶ୍ରୀଲକ୍ଷ୍ମୀ ତାହାଙ୍କ ପାଶେ ମିଳନ୍ତି ତତ୍‌କ୍ଷଣ ।। ପତିସେବା ବିନା ନାହିଁ ନାରୀଙ୍କର ଗତି। ପତିପ୍ରାଣା ନାରୀ କରେ ଦେବଲୋକ ଗତି ।। ନାରୀଙ୍କର ଲକ୍ଷ୍ମୀବ୍ରତ ପତିସେବା ବିନା। ଅନ୍ୟ ଦେବ ପୂଜାତୀର୍ଥ ଯାତ୍ରା ବିଡ଼ମ୍ବନା ।। ପତିସେବା ବରଜି ଯେ ମାତି ଗରବରେ। ଗୁରୁବାରେ ଲକ୍ଷ୍ମୀବ୍ରତ ସେ ଯଦି ନ କରେ ।। ତାହାର ନୁହଇ ଭଲ ଜନମେ ଜନମେ । ଦୁଃଖ ଶୋକ ରୋଗ ଭୋଗ ସଂସାରେ ସେ ଭ୍ରମେ ।। ଏମନ୍ତ ତିଆରି ସାଧବାଣୀ କି କହିଲେ। ଆଜିଠାରୁ ଲକ୍ଷ୍ମୀବ୍ରତ କର ଯା ବୋଇଲେ ।। ନ କଲେ ସର୍ବ ସମ୍ପଦ ତୋର କ୍ଷୟଯିବ । ଅନ୍ନବସ୍ତ୍ର ଅଭାବରେ ଦୁଃଖ ଭୋଗ ହେବ ।। ଶୁଣ ହୋ ନାରଦ ଠାକୁରାଣୀ ଏହାକହି । ସେଠାବରୁ କେତେଦୂର ପଥ ଗଲେ ବାହି ।। ଘରେ ଘରେ ପୁରେପୁରେ ଲକ୍ଷ୍ମୀ ବିଜେକଲେ । କାହାରି ଦୁଆରେ ସେହି ଶୁଚି ନ ଦେଖିଲେ ।। କେବଣ ଯୁବତୀ ନିଦେ ଶୋଇ ଅଚେତନ । କାହାର ଫିଟିଯାଇଛି ପିନ୍ଧିଲା ବସନ ।। କାହାର ଶିରରେ କେଶ ମୁକୁଳିତ ହୋଇ । ଭୂମିପରେ ପଡ଼ିଅଛି କେରି କେରି ହୋଇ ।। ଏହିରୂପେ ମହାଲକ୍ଷ୍ମୀ ଦେଖିକରି ଗଲେ । ଚଣ୍ଡାଳ ସାହିରେ ଯାଇଁ ପ୍ରବେଶ ହୋଇଲେ ।। ଶ୍ରୀୟା ଚଣ୍ଡାଳୁଣୀ ନଗ୍ର ବାହାରେ ତା ଘର । ତାହାର ମହିମା ଯେ ଦେବଙ୍କୁ ଅଗୋଚର ।। ପ୍ରତିଦିନ ଖରକଇ ଗୁଣ୍ଡିଚା ନଗର । ବିଷ୍ଣୁ ଭକତିରେ ସେ ଯେ ଅତି ତତପର ।। ରାତ୍ର ବେନି ଘଡ଼ି ଥାଇ ଚଣ୍ଡାଳୁଣୀ ଗଲା । ଏକ ବର୍ଣ୍ଣ ଗାଈର ଯେ ଗୋବର ଆଣିଲା ।। ଉତ୍ତମ କରିଣ

ଘରଦ୍ୱାରକୁ ଲିପିଲା । ଛଡ଼ାପାଣି ମୁନ୍ଦାଏ ଦୁଆରେ ପକାଇଲା ।। ଅରୁଆ ଚାଉଳ ବାଟି ଘରେ ଝୋଟି ଦେଲା । ଷୋଳକୋଠି କରି ଦିବ୍ୟ ପଦ୍ମେକ କାଟିଲା ।। ଦଶମୁଖ ଦୀପାବଳୀ ମଣ୍ଡଳେ ଜାଳିଲା । ଦଶବର୍ଣ୍ଣ ଫଳମୂଳ ମଣ୍ଡଳେ ବାଢ଼ିଲା । ସୂତାଦଶ ଖିଅନେଇ ମଣ୍ଡଳେ ଥୋଇଲା । ମନର ଚଞ୍ଚଳେ ପୁଣି ବେଗେ ଚଳିଗଲା ।। ଉଆ ଚାଉଳ ଯେ ଆଉ ଦୂବ ଦଶକେରା । ତାହା ନେଇ ଚଣ୍ଡାଳୁଣୀ ମଣ୍ଡଳେ ଥୋଇଲା ।। ଧୂପଦୀପ ନଇବେଦ୍ୟ ଗନ୍ଧପୁଷ୍ପ ଦେଲା । ଲକ୍ଷ୍ମୀନାରାୟଣ ବୋଲି ସୁମରଣା କଲା ।। ନମସ୍ତେ ନମସ୍ତେ ମାଗୋ ହରିଙ୍କ ଘରଣୀ । ମୁହିଁଛାର ହୀନଜାତି ନ ଜାଣଇ ପୁଣି ।। ଚଣ୍ଡାଳ ସାହିରେ ଘର ପୁଣି ଚଣ୍ଡାଳୁଣୀ। କିଅଁତେ ଭକତି ମୋର ଘେନ କମଳିନୀ ।। ଦାଣ୍ଡେ ଦାଣ୍ଡେ ଯାଉଥିଲେ ବିଷ୍ଣୁ ପାଟରାଣୀ । ସହି ନ ପାରିଲେ ଚଣ୍ଡାଳୁଣୀର ଦୟିନୀ ।। ପଦ୍ମଫୁଲ ଦେଖି ତାଙ୍କ ବଳିଲା ଶରଧା । ଦୁଇପାଦ ଦେଇ ମାତା ପଦ୍ମେ ହେଲେ ଉଭା ।। ଚଣ୍ଡାଳୁଣୀ ଘରଗୋଟି ପାଇଲାକ ଶୋଭା । ଲକ୍ଷ୍ମୀ ବିଜେ କରିଛନ୍ତି କି ଉପମା ଦେବା ।। ବୋଇଲେ ଲୋ ଚଣ୍ଡାଳୁଣୀ ମାଗି ଘେନ ବର । ପ୍ରସନ୍ନ ହୋଇଲି ଦୁଃଖ ନାଶିବି ତୋହର ।। ଚଣ୍ଡାଳୁଣୀ କହୁଅଛି ଶିରେ କର ଦେଇ । କି ବର ମାଗିବି ମାଗୋ ମାଗି ନ ଜାଣଇ ।। ଗୋ- ଗୋଷ୍ଠକୁ ଦେବୁ ମୋର ଲକ୍ଷ୍ମେ ପଦ୍ମ ଗାଇ । କୁବେର ସମାନ ଧନ ଦେବୁ ମାତ ତୁହି ।। କୋଳକୁ ନନ୍ଦନ ଯେ ହସ୍ତକୁ ସୁନାବାହି । ଚାରିଯୁଗେ ବସିବି ଅମର ବର ପାଇ ।। ଲକ୍ଷ୍ମୀ ଶୁଣି ବୋଇଲେ ତୁ ହୋଇଲୁ କି ବାଇ । ଏ ସମସ୍ତ ବର ତୋତେ ଦେଇତ ପାରଇ।। ଅମର ବର ଦେବାକୁ ଶକ୍ତି ନାହିଁ ମୋର । ଏହି ବର ମାଗିଲୁ ତୁ କେମନ୍ତ ପ୍ରକାର ।। ଯେତେ ଦିନ ଜୀଇଥିବୁ ଐଶ୍ୱର୍ଯ୍ୟ ଭୁଞ୍ଜିବୁ । ଅନ୍ତକାଳେ ଯାଇ ବିଷ୍ଣୁ ପଞ୍ଜରେ ପଶିବୁ ।। ମୋହର ଏ ବ୍ରତ କରୁଥିବୁ ସବୁଦିନ । ଲକ୍ଷ୍ମୀନାରାୟଣ ପାଦେ ଥିବ ତୋର ମନ ।। ଶୁଣ ହେ

ନାରଦ ଏଣେ ହରି ବଳରାମ । ମୃଗୟା ନିମେନ୍ତ ଯାଇଥିଲେ ଘୋରବନ ।। ଯୋଗବଳେ ବଳରାମ ଏ କଥା ଜାଣିଲେ । ଡାକି କରି ଶ୍ରୀହରିଙ୍କୁ ଏମନ୍ତ କହିଲେ ।। ଦେଖ ଦେଖ କହ୍ନାଇ ତୋ ଭାରିଯା ଆଚାର । ଉଭା ହୋଇ ଅଛଇ ଯେ ଚଣ୍ଡାଳୁଣୀ ଘର ।। ହାଡ଼ି ଘରେ ଥିବ ଲକ୍ଷ୍ମୀ ପାଣ ଘରେ ଥିବ । ସ୍ନାନ ନ କରିଣ ବଡ଼ ଦେଉଳେ ପଶିବ ।। ଏହି ରୂପେ ସବୁଦିନେ ଦେଉଳେ ପଶୁଛି । ଦୁଇଗୋଟି ଭାଇଙ୍କୁ ବିଟାଳ କରାଉଛି ।। ଦରିଦ୍ର ଭଞ୍ଜନୀ ନାମ ଯେଣୁ ଅଛି ବହି । ଦରିଦ୍ରମାନଙ୍କ କଷ୍ଟ ନ ପାରଇ ସହି ।। ସୁଦଶା ନାମରେ ଏକ ବ୍ରତ ଯେ ତାହାର । ଏହି ବ୍ରତେ ଚଣ୍ଡାଳୁଣୀ ପୂଜଇ ପୟର ।। ଭାରିଯାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ । ଚଣ୍ଡାଳ ସାହିରେ ନଗ୍ର ତୋଳ ବେଗେ ଯାଇ ।। ଆମ୍ଭ ବାକ୍ୟ ମାନି ତାକୁ ଦିଅ ଘଉଡାଇ । ଏପରି ଘରଣୀ ଥିଲେ ଭଲ ଗତି ନାହିଁ ।। ଗୋବିନ୍ଦ ବୋଇଲେ ଭାଇ ଘଉଡାଇ ଦେବା । ଲକ୍ଷ୍ମୀପରା ଭାରିଯାକୁ ଆଉ କି ପାଇବା ।। ସେ ଯେବେ ଦୋଷ କରିଛି ଏମନ୍ତ କରିବା । ସ୍ୱର୍ଗପୁର ଲୋକଙ୍କୁ ହକାରି ଅଣାଇବା ।। ପାଞ୍ଚଲକ୍ଷ ଟଙ୍କାଦେଇ ଜାତି କରାଇବା । ଆଉ ବେଳେ ତାର ଯଦି ଅନୀତି ଦେଖିବା ।। ଦେଉଳ ଭିତରୁ ତାକୁ ଦେବା ଘଉଡାଇ । ଏକଥା ପ୍ରମାଣ ତୁମ୍ଭେ ଶୁଣ ଜ୍ୟେଷ୍ଠଭାଇ ।। ନ ଜାଣି ଯେ ଦୋଷକଲେ ସିନ୍ଧୁ ରାଜଜେମା । ବାରେ ମାତ୍ର ଭାଇ ତାଙ୍କ ଦୋଷକର କ୍ଷମା । ବଳରାମ ବୋଲୁଛନ୍ତି ଶୁଣ ଭାବଗ୍ରାହୀ । ତୋର ଲକ୍ଷ୍ମୀଥିଲେ ମୁହିଁ ରହିବଇଁ ନାହିଁ ।। ଭାରିଜା ଅଟଇ ସିନା ପାଦର ପାଣ୍ଡୋଇ । ଭାଇଥିଲେ କୋଟିଭାର୍ଯ୍ୟା ମିଳି ଯେ ପାରଇ ।। ଭାର୍ଯ୍ୟାଠାରେ ଲୋଭ ଯେବେ ଅଛିରେ କହ୍ନାଇ । ଚଣ୍ଡାଳ ସାହିରେ ତୁ ନଅର ତୋଳ ଯାଇ ।। ମୋର ବଡ଼ ଦେଉଳକୁ ଆଉ ନ ଆସିବୁ । ମାଇପକୁ ଘେନି ଦାଣ୍ଡ ବାହାରେ ରହିବୁ ।। ଧିକ୍କାର ବଚନ ପ୍ରଭୁ

ସହି ନ ପାରିଲେ । ଛାଡ଼ିବି ବୋଲିଣ ରଙ୍ଗ ଅଧରେ କହିଲେ ।। ଦେଉଳର ସିଂହଦ୍ୱାରେ ପ୍ରବେଶ ହୋଇଲେ । ଊର୍ଦ୍ଧ୍ୱମୁଖ ହୋଇ ପ୍ରଭୁ ନିଶ୍ୱାସ ଛାଡ଼ିଲେ ।। ଶୁଣ ହେ ନାରଦ ତେଣେ ଶ୍ରୀୟା ଚଣ୍ଡାଳୁଣୀ । ପୂଜା କରୁଥିଲା ଲକ୍ଷ୍ମୀଙ୍କର ପାଦବେନି ।। ତାହାର ପୂଜାରେ ଦେବୀ ସନ୍ତୁଷ୍ଟ ହୋଇଲେ । ଯାଚିଣ ଅନେକ ବର ପ୍ରଦାନ ଯେ କଲେ ।। କୁଟୀର ଖଣ୍ଡିକ ଥିଲା ବଲୁରିର ବାସ । ଲକ୍ଷ୍ମୀ ଦୟାକଲେ ତାକୁ ଚନ୍ଦନ ଉଆସ ।। ଯେଉଁ ଚଣ୍ଡାଳୁଣୀ ଘରେ ନ ଥିଲାକ ଅନ୍ନ । ଚାରିକୋଣେ ଦେଲେ ତାକୁ ଶୁଦ୍ଧ ଯେ ସୁବର୍ଣ୍ଣ ।। ଯେଉଁ ଚଣ୍ଡାଳୁଣୀ ଘରେ ନ ଥିଲାକ ପୁତ୍ର । ଲକ୍ଷ୍ମୀ ଦୟା କଲେ ତାର ହେଲା ପାଞ୍ଚପୁତ୍ର ।। ଧନ ପୁତ୍ରବତୀ ହୁଅ ବୋଲି ଯେ ବୋଇଲେ । ବରଦେଇଣ ସେଠାରୁ ବିଜେ କରିଗଲେ ।। ଲକ୍ଷ୍ମୀହେତୁ ଚଣ୍ଡାଳୁଣୀ ହେଲା ଭାଗ୍ୟବତୀ । ଏବେ ଶୁଣ ହେ ନାରଦ ଅପୂର୍ବ ଭାରତୀ ।। ସିଂହଦୁଆରେ ବିଜୟ ଲକ୍ଷ୍ମୀ ମହାମାୟୀ । ଦେଖିଲେ ଦୁଆରେ ବସିଛନ୍ତି ବେନିଭାଇ ।। ବୋଇଲେ ହେ ବାଟ ଛାଡ଼ ଭିତରକୁ ଯିବି । ଦଶମୀ ଯୋଗାଡ଼ ମୁହିଁ ମଣୋହି ରାନ୍ଧିବି ।। ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲ କି ବାଇ । ଚଣ୍ଡାଳ ସାହିକି ଯାଇଥିଲ କାହିଁ ପାଇଁ ।। ଆମ୍ଭେ ନ ଦେଖୁଣୁ ଯେ ଦେଖିଲେ ବଡ଼ ଭାଇ । ଆମ୍ଭେ ଦେଖିଥିଲେ ସିନା ଦିଅନ୍ତୁ ଘୋଡ଼ାଇ ।। ଯାଅ ଲକ୍ଷ୍ମୀ ତୁମ୍ଭରେ ଗୋ ଆଉ କାର୍ଯ୍ୟ ନାହିଁ । ଧିକ୍କାର ବହୁତ ମୋତେ କଲେ ବଡ଼ଭାଇ ।। ହାଡ଼ିଦ୍ୱାରେ ଥିବ ଲକ୍ଷ୍ମୀ ଥିବ ପାଣଦ୍ୱାରେ । ସ୍ନାନ ନ କରି ପଶୁଛି ଦେଉଳ ଭିତରେ ।। ତା'ଠାରୁ ପାପିନୀ ଆଉ ସଂସାରରେ ନାହିଁ । ମୋହର ବଚନ ଏବେ ଶୁଣ ପ୍ରାଣ ସହି ।। ଜଗତେ ବୋଲନ୍ତି ତୋତେ ବାଇ ଠାକୁରାଣୀ । ବାଇ ପ୍ରାୟ ବୁଲୁଥାଉ ହୋଇ ମୋ ଘରଣୀ ।। ଏକ ଘର କରାଉ ସହସ୍ର ଘରଭାଙ୍ଗି । ସହସ୍ର ଘର କରାଉ ଏକ ଘର ଭାଙ୍ଗି ।। ଏମନ୍ତ ପ୍ରକାରେ ଲକ୍ଷ୍ମୀ ମହିମା ତୋହର । ଯାଅ ଲକ୍ଷ୍ମୀ

ବାହାରି ଗୋ ନ ଥାଅ ମୋ ଘର ।। ତୋହଠାରେ କୋପ କରିଛନ୍ତି ଜ୍ୟେଷ୍ଠଭାଇ । ଲକ୍ଷ୍ମୀଦେବୀ କହୁଛନ୍ତି ଠାକୁରଙ୍କୁ ଚାହିଁ ।। ଛାଡ଼ପତ୍ର ଦେଇ ମୋତେ ଦିଅ ଘଉଡାଇ । ଜଗନ୍ନାଥ କହୁଛନ୍ତି ଲକ୍ଷ୍ମୀମୁଖ ଚାହିଁ ।। ଆମ୍ଭ ଜାତିରେ ତ ଛାଡ଼ପତ୍ର ଚଳେନାହିଁ । ଛାଡ଼ିବା ଭାରିଜା ମୁଖ ଚାହିଁ ନ ଯୋଗାଇ ।। ଲକ୍ଷ୍ମୀଦେବୀ କହୁଛନ୍ତି ଠାକୁରଙ୍କୁ ଚାହିଁ । ଯେତେବେଳେ ସାଗର ମନ୍ଥିଲ ଦେବଯାଇ ।। ବେଦମନ୍ତ୍ରାଦି ସହିତେ ମୋତେ ପାଇଥିଲ । ସେତେବେଳେ କଥା ଆହେ ପାଶୋରିଣ ଦେଲ ।। ମୋର ପିତା ବରୁଣ ଯେ ତୁମ୍ଭଙ୍କୁ ବରିଲା । କନକ ବେଦୀରେ ନେଇ ବିଭା କରାଇଲା ।। ଝିଅ ଦେଇ ଶରଣ ପଶିଲେ ତୁମ୍ଭଠାଇଁ । ଦଶଦୋଷ ମୋର କ୍ଷମା କରିବାର ପାଇଁ । ଦଶଗୋଟି ଦୋଷରୁ ଗୋଟିଏ ନ ସହିଲ । ପ୍ରଥମରେ ଚଣ୍ଡାଳୁଣୀ ବୋଲି ଗାଳିଦେଲ ।। ବିଭା ବାସିଦିନ ଜୁଆ ଖେଳିବାର ବେଳେ । ସାତବେଳ କଉଡ଼ି ଯେ ପାରିଲଇଁ ତଳେ ।। ତୁମ୍ଭେ ତୋଳିଦିଅ ନାଥ ମୋହର ହସ୍ତରେ । ସୁବର୍ଣ୍ଣ କଉଡ଼ି ମୁହିଁ ଜାକିଲଇଁ କରେ ।। ଛଡ଼ାଇ ନ ପାରି ତୁମ୍ଭେ ବ୍ରହ୍ମାଣ୍ଡ ଠାକୁର । ମୋତେ ବୋଇଲ ଯା' ଇଚ୍ଛା ମାଗି ଘେନବର ।। ଯାହା ମନ ବାଞ୍ଛା ଗୋ କରିବୁ ବଇଦେହୀ । ତାହା ମୁଁ ଅବଶ୍ୟ ଦେବି ଶୁଣ ପ୍ରାଣସହି ।। କରପତ୍ର ଯୋଡ଼ିଣ ମୁଁ ବୋଇଲି ଉତ୍ତର । ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଠାକୁର ।। ଅଷ୍ଟ ଦିନେ ପଡ଼ିବ ମୋହର ଗୁରୁବାର । ପଡ଼ି ଚରଚିବି ମୁହିଁ ସଭିଙ୍କର ଘର ।। ପଡ଼ି ଚରଚିବି କୀଟୁ ବ୍ରହ୍ମ ପରିଯନ୍ତେ । ଏହି ଦୋଷ ମୋର ପ୍ରଭୁ ନ ଧରିବ ଚିତ୍ତେ ।। ହେଉ ବୋଲି ଶ୍ରୀମୁଖରୁ ଆଜ୍ଞା ଅଛ ଦେଇ । ଏବେ କିମ୍ପା ସତ୍ୟ ଭଗ୍ନ ହେଉଛ ଗୋସାଇଁ ।। ଜଗନ୍ନାଥ କହୁଛନ୍ତି କୋପଭର ହୋଇ । ବାପ ତୋ ଲୁଣିଆ ଯେ ଗରଜି ମରୁଥାଇ ।। ଝିଅଟେରୀ ତୋ ଦୁର୍ଗୁଣ କହିଲେ ନ ସରେ । ବାପର ଗର୍ଜ୍ଜନ ଶବ୍ଦେ କିଏ ରହିପାରେ ।। ଚାରିପାଖେ ମେଘନାଦ ପାଚେରୀ ତୋଳାଇ । ବଡ଼

ଦେଉଳରେ ରହିଅଛୁ ଦୁଇଭାଇ ।। ମହାଲକ୍ଷ୍ମୀ ବୋଲୁଛନ୍ତି ଠାକୁରଙ୍କୁ ଚାହିଁ । ଅଛବର ଘରେ ଦଣ୍ଡେ ଥିଲି ଉଭାହୋଇ ।। ଅଛବ ବିଟାଳ ବୋଲି ଦିଅ ଘଉଡାଇ ।। ପୁଣି ଜାତି କୁଳ ଗୋତ୍ର କହିଲ ଗୋସାଇଁ । ପ୍ରଭୁ ହେତୁ ସବୁ ଯାଉଅଛି ଗୋପ୍ୟ ହୋଇ ।। ତୁମ ଜାତି କୁଳର ତ ଠିକଣା ନ ଥାଇ ।। ତୁମ୍ଭ ଜାତି କୁଳ ଯେ କହିଲେ ନ ସରଇ । ଗଉଡ଼ ଘରେ ରହିଲ ଦୁଇଗୋଟି ଭାଇ ।। ନିମା ନାମେ ସିପୁଟି ସେ ଜାତିରେ ଗୋଲକ । ତାହା ଘରେ ଜଗନ୍ନାଥ କଲ ଅନ୍ନଭକ୍ଷ ।। ଦୂତ ପଣେ ଯାଇଥିଲ ହସ୍ତିନା ଭୁବନ । ବିଦୁର ଘରେ ଯେ ପୁଣି କରିଲ ଭୋଜନ ।। ଜାରାନାମେ ଶବର ଯେ ଅରଣ୍ୟରେ ଘର । ସେ ତୁମ୍ଭଙ୍କୁ ପୂଜିଲା ବରଷ ଦଶବାର ।। ଅରଣ୍ୟରୁ ଫଳମୂଳ ଖୋଜିଣ ଆଣଇ । ବସିଣ ପ୍ରଥମେ ଫଳମୂଳ ସେ ଚାଖଇ ।। ପିତା କଷା ସବୁ ପ୍ରଭୁ ଆଡ଼ କରିଦେଇ । ଯେ ଫଳ ସୁଆଦ ତାହା ତୁମ୍ଭଙ୍କୁ ଭୁଞ୍ଜାଇ ।। ଶବର ବିଟାଳ ତୁମ୍ଭେ ବେନିଗୋଟି ଭାଇ । ଏକଥା କି ତୁମ୍ଭ ମନୁ ଗଲା ଭୁଲ ହୋଇ ।। ଆପଣେ ପାତକୀ ତୁମ୍ଭେ ପରନିନ୍ଦା କର । ପାପ ପୁଣ୍ୟ ଦୁଇ କଥା ବିଚାର ନକର ।। ଭାରିଜା ଯେ ଦୋଷକଲେ ପତି ତା ସହଇ । ଏକ ଅପରାଧେ ପ୍ରଭୁ ଭୃତ୍ୟେ କି ତେଜଇ ।। କିମ୍ପା ନକର ଗୋସାଇଁ ଏମନ୍ତ ବିଚାର । ଯାଅ ଯାଅ ବୋଲୁଅଛ ମୋତେ ବାରମ୍ବାର ।। ଜଗନ୍ନାଥ କହୁଛନ୍ତି ଏମନ୍ତ କରିବୁ । ମାଣେ ମାଣେ ପଡ଼ି ତୋତେ ନିତ୍ୟେ ଦେଉଥିବୁ ।। ଭାଇଙ୍କୁ ବୁଝାଇ ପଛେ ତୁମ୍ଭଙ୍କୁ ଆଣିବୁ । ଭାଇଙ୍କ ଆଜ୍ଞା ଅବଜ୍ଞା କେଭେ ନ କରିବୁ ।। ଲକ୍ଷ୍ମୀଦେବୀ କହନ୍ତି ପଡ଼ିରେ କାର୍ଯ୍ୟ ନାହିଁ । ଅନାଥ ଅରକ୍ଷ ପ୍ରାୟ ଯାଉଅଛି ମୁହିଁ ।। ରାଣ୍ଡୀ ଅଲକ୍ଷଣୀ ଝିଅ ମୁହିଁ ଯେ ନୁହଇ । ପିତାର ଘରକୁ ମୁଁ ଯେ ବାହାରି ଯିବଇଁ ।। ତୁମ୍ଭ ଅଳଙ୍କାର ମାନ ପ୍ରଭୁ କାଢ଼ି ନିଅ । ପଛରେ ମୋତେ ଯେ ଆଉ ବୋଲଣା ନଦିଅ ।। ଗୋବିନ୍ଦ ବୋଲନ୍ତି ଲକ୍ଷ୍ମୀ ହୋଇଲୁକି ବାଇ । ଅଙ୍ଗୁ ଅଳଙ୍କାର ଆମ୍ଭେ ନେବୁ କାହିଁ ପାଇଁ ।। ଭାରିଜାର ଅଙ୍ଗେ ଯେଉଁ ଅଳଙ୍କାର ଥାଏ । ସ୍ୱାମୀହୋଇ ତାହାଠାରୁ କାଢ଼ିଣ କି ନିଏ ।। ଠାକୁରାଣୀ କହୁଛନ୍ତି ଶ୍ରୀମୁଖକୁ ଚାହିଁ । ତୁମ୍ଭର ଅଟଇ ମୁଁ ଯେ ପ୍ରଥମ ବିବାହୀ ।। ପଛରେ କହିବ ଲକ୍ଷ୍ମୀ ଆମ ଘରେ ଥିଲା । ସହସ୍ର ଟଙ୍କାର ଅଳଙ୍କାର ଘେନିଗଲା ।। ଏମନ୍ତ ଅଖ୍ୟାତି ମୋତେ ନ ଦିଅ ଗୋସାଇଁ । ତୁମ୍ଭ ଅଳଙ୍କାର ମାନ ନିଅ ବାହୁଡ଼ାଇ ।। ଶିରରୁ କାଢ଼ିଲେ ଲକ୍ଷ୍ମୀ ମୁକୁତାର ଜାଲି । ହୃଦରୁ କାଢ଼ିଲେ ଇନ୍ଦ୍ର ଗୋବିନ୍ଦ କାଞ୍ଚଲି । ଅଣ୍ଟାରୁ କାଢ଼ିଲେ ମାଏ ରତ୍ନ ଓଡ଼ିଆଣୀ । ନାସିକାରୁ କାଢ଼ିଲେ ସେ ମୁକୁତା ବସଣୀ ।। ଦୁଇ କର୍ଣ୍ଣରୁ କାଢ଼ିଲେ ହୀରାର କୁଣ୍ଡଳ । ଗଳାରୁ କାଢ଼ିଲେ ଯେ ଦୋସରୀ ଚିନାମାଳ ।। ପାଦରୁ କାଢ଼ିଲେ ଦେବୀବାଜେଣୀ ନୂପୁର । ଅଙ୍ଗୁଷ୍ଠିରୁ କାଢ଼ିଲେ ଯେ ଝୁଣ୍ଟିଆ ସତ୍ୱର ।। ଅନ୍ୟ ଅଳଙ୍କାରମାନ କି କହିବି ଆଉ । ରୁଣ୍ଡ କଲାରୁ ଦିଶିଲା ସବୁ ଦାଉ ଦାଉ ।। ସବୁ ଅଳଙ୍କାରମାନ ଏକଠାବ କଲେ । ରଖ ଦୀନବନ୍ଧୁ ଏହା ବୋଲି ସମର୍ପିଲେ ।। ଗୋବିନ୍ଦ କହନ୍ତି ଏହା କି କରିବୁ ନେଇ । ଆମ୍ଭର ଏ ଅଳଙ୍କାରେ ପ୍ରୟୋଜନ ନାହିଁ।। ଗୃହସ୍ଥ ହୋଇଣ ଯେବେ ଭାର୍ଯ୍ୟାକୁ ତେଜଇ । ଛ'ମାସକୁ ଭାତ ଲୁଗା ଦେଖିଣ ଦିଅଇ ।। ଏହି ଅଳଙ୍କାର ସବୁ ତୁମ୍ଭେ ଘେନିଯାଅ । ବିକି ଭାଙ୍ଗିକରି ଭାତ ଲୁଗା କରୁଥାଅ ।। ଲକ୍ଷ୍ମୀଦେବୀ କହୁଛନ୍ତି ପ୍ରଭୁ ମୁଖ ଚାହିଁ । ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଗୋସାଇଁ।। ମୋହ ତୁଲେ ଆଉ ଯେଉଁ ଭାରିଜା ଆଣିବ । ଏହିସବୁ ଅଳଙ୍କାର ତାହାକୁ ଯେ ଦେବ ।। ମୁହିଁ ଯାଉଅଛି ହୀନା ଅରକ୍ଷିତା ହୋଇ । ମୋହ ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ ।। ସତେ ଯେବେ ସୂର୍ଯ୍ୟ ଚନ୍ଦ୍ର ହୋନ୍ତି ଆତଯାତ । ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ ।। ବାରବର୍ଷ ଯାଏ ତୁମ୍ଭେ ଦରିଦ୍ର ହୋଇବ । ଅନ୍ନ ବସ୍ତ୍ର ଜଳ ଯେ ତୁମ୍ଭଙ୍କୁ ନ ମିଳିବ ।। ମୁହିଁ ଚଣ୍ଡାଳୁଣୀ ଯେବେ ଟେକିଦେବି ଅନ୍ନ । ଭୋଜନ କରିବ ତେବେ କାଳୀୟ ଗଞ୍ଜନ ।। ଏତେ ବୋଲି

ଲକ୍ଷ୍ମୀଦେବୀ ଶାପ ଦେଇ ଗଲେ । ଦେଉଳୁ ବାହାର ହୋଇ କେତେଦୂର ଗଲେ ।। ଏହାଦେଖି ଦାସୀମାନେ ସଙ୍ଗେ ଗୋଡ଼ାଅଛନ୍ତି । ଦାସୀଙ୍କୁ ଅନାଇ ଲକ୍ଷ୍ମୀଦେବୀ ବୋଲୁଛନ୍ତି ।। ମୁହିଁ ଯାଉଅଛି ହୀନ୍ନ ଅଲକ୍ଷଣୀ ହୋଇ । ମୋର ପଛେ ତୁମ୍ଭେମାନେ ଆସୁଛ କିମ୍ପାଇଁ ।। ଏହିପରି ହୋଇ ଯେବେ ପିତାଘର ଯିବି । ଚାରିଦିନ ମାତ୍ରକରି ରହି ନ ପାରିବି ।। ଜଗନ୍ନାଥ ପ୍ରାୟବନ୍ଧୁ ପିତାଘର ଯିବେ । ତାଙ୍କୁ ଦେଖି ପିତା ମୋତେ ସମର୍ପିଣ ଦେବେ ।। ଶାପ ଦେବା ଫଳ ମୋର ହେବ ଅକାରଣ । ଦରିଦ୍ର ନୋହିବେ ପ୍ରଭୁ ଦେବ ଭଗବାନ ।। ଏତେ ବୋଲି ଲକ୍ଷ୍ମୀଦେବୀ ମନେ ଚିନ୍ତାକଲେ । ବିଶ୍ୱକର୍ମାକୁ ଯେ ମାଏ ମନେ ସୁମରିଲେ ।। ବୈକୁଣ୍ଠପୁରରେ ବିଶ୍ୱକର୍ମା ରହିଥିଲା । ସ୍ମରଣ ମାତ୍ରକେ ଲକ୍ଷ୍ମୀ ଛାମୁରେ ମିଳିଲା ।। କିସ ଆଜ୍ଞା ହେଉ ମୋତେ ଲକ୍ଷ୍ମୀ ମହାମାୟୀ । ଶୁଣି ଆଜ୍ଞାଦେଲେ ବିଶ୍ୱକର୍ମାକୁ ଯେ ଚାହିଁ ।। ଚଣ୍ଡାଳୁଣୀ ବାଦେ ପ୍ରଭୁ ଦେଲେ ଘଉଡାଇ । ପାରିବୁକି ଖଣ୍ଡିଏ କୁଡ଼ିଆ ତୋଳିଦେଇ ।। ଆଜ୍ଞା ମାତ୍ରେ ବିଶ୍ୱକର୍ମା ବେଗେ ଚଳିଗଲା । ତିନିକ୍ରୋଶ ପ୍ରମାଣେ ଉଆସ ତୋଳାଇଲା ।। ସୁବର୍ଣ୍ଣର କାନ୍ଥମାନ ସବୁଘରେ କଲେ । ହୀରାନୀଳା ମାଣିକ୍ୟାଦି ତହିଁ ଖଞ୍ଜାଇଲେ ।। ଗଣ୍ଡିତଳେ ଅନେକ ମୁକୁତା ଲଗାଇଲେ । ପ୍ରବାଳ ସ୍ତମ୍ଭମାନ ତହିଁରେ ରଚିଲେ ।। ପୁର ଦେଖି କମଳିନୀ ସନ୍ତୁଷ୍ଟ ହୋଇଲେ । ବିଶ୍ୱକର୍ମାକୁ ବହୁତ ପ୍ରଶଂସା ଯେ କଲେ ।। ବୈକୁଣ୍ଠ ପୁରକୁ ବିଶ୍ୱକର୍ମା ଚଳିଗଲେ । ଅଷ୍ଟବେତାଳଙ୍କୁ ଡାକି ଦେବୀ ଆଜ୍ଞା ଦେଲେ ।। ଅଷ୍ଟବେତାଳରେ ତୁମ୍ଭେ ଏମନ୍ତ କରିବ । ପ୍ରଥମେ ରୋଷାଇ ଶାଳେ ଯାଇଣ ପଶିବ ।। ଷାଠିଏ ପଉଟି ଭୋଗ ଭୁଞ୍ଜିବ ଯେ ତହିଁ । ତେରପୌଟି ବ୍ୟଞ୍ଜନ ଖାଇବ ହର୍ଷହୋଇ ।। ଶାଗମୁଗ ମଧୁରୁଚି ତିକ୍ତ କାଞ୍ଜିରାଇ । ଆମ୍ବିଳ ଖାଇବ ଖଣ୍ଡଶାକର ମିଶାଇ ।। ଅମୃତ ମଣୋହି ମାନ ଭୋଜନ କରିବ । ହାଣ୍ଡିମାନ ନେଇ ଏକଠାବେ କଚାଡ଼ିବ ।। ତହୁଁ ଯାଇଣ ଭଣ୍ଡାର ମଧ୍ୟରେ ପଶିବ । ବାଉନକୋଟି ଭଣ୍ଡାର ବୋହିଣ ଆଣିବ ।। କାଣି କଉଡ଼ି କଡ଼ାର ଦ୍ରବ୍ୟ ନ ରଖିବ ।। ସବୁ ବୋହି ଆଣି ମୋହ ପାଶେ ସମର୍ପିବ ।। ବେତାଳେ ବୋଇଲେ ମହାଲକ୍ଷ୍ମୀ ମୁଖ ଚାହିଁ । କେମନ୍ତ କରିଣ ତହୁଁ ଆଣିବୁ ବୁହାଇ ।। ଜଗନ୍ନାଥ ମହାପ୍ରଭୁ ତହିଁ ଚେଇଁଥିବେ । ଆମ୍ଭଙ୍କୁ ଦେଖିଣ କାଳେ ପରାଭବ ଦେବେ ।। ଶୁଣି କମଳିନୀ ନିଦ୍ରାବତୀକି ରାଇଲେ । ବହନ ମୋ ବୋଲକର ବୋଲିଣ ବୋଇଲେ ।। ରାମକୃଷ୍ଣ ନୟନରେ ନିଦ୍ର ଯେ ଘାରିବୁ । କାଲି ବେଳ ଦୁଇଘଡ଼ି ଯାଏ ନ ଛାଡ଼ିବୁ ।। ଆଜ୍ଞାପାଇ ନିଦ୍ରାବତୀ ଶୀଘ୍ର ଚଳିଗଲେ । ରାମକୃଷ୍ଣ ନୟନରେ ନିଦ୍ରା ଯେ ଘାରିଲେ ।। ପାକଶାଳାରେ ବେତାଳେ ପ୍ରବେଶ ହୋଇଲେ । ତହିଁ ଥିବା ପାକଦ୍ରବ୍ୟ ସମସ୍ତ ଖାଇଲେ ।। ହାଣ୍ଡିମାନ ସବୁ ଏକଠାବେ କଚାଡ଼ିଲେ । ଭଣ୍ଡାର ଘରରେ ଅଷ୍ଟବେତାଳେ ପଶିଲେ । ଯେତେ ଦ୍ରବ୍ୟ ପୂର୍ଣ୍ଣ ହୋଇ ରହିଥିଲା ତହିଁ । ବାଉନକୋଟି ଭଣ୍ଡାର ଆଣିଲେ ବୁହାଇ ।। ରାତ୍ର ଷୋଳ ଘଡ଼ିଯାକ ବେତାଳ ଯେ ତହିଁ । କୁଲାରୁ ଛାଞ୍ଚୁଣିଯାଏ ସବୁ ନେଲେ ବୋହି ।। ଦେଖିକରି ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇଲେ । ତୁମ୍ଭେ ଆଜି ପୁତ୍ରପଣ କରିଲ ବୋଇଲେ ।। ପ୍ରଶଂସା କରିଣ ମାଏ ବଚନ ଯେ କହି । ସବୁ ଦ୍ରବ୍ୟ ଆଣିଲତ ରତ୍ନଖଟ କାହିଁ ।। ପାଞ୍ଚଲକ୍ଷ ଟଙ୍କା ମୂଲ୍ୟ ସେ ଖଟ ଅଟଇ । ଯାଅରେ ବେତାଳେ ଏବେ ଖଟ ଆଣ ବୋହି ।। ଯେବେ ଜଗନ୍ନାଥ ପ୍ରଭୁ ମୋତେ ନ ଖୋଜିବେ । ନାରୀଙ୍କୁ ପୁରୁଷମାନେ ଆଉ ନ ଲୋଡ଼ିବେ ।। ମୋତେ ଘେନି ପ୍ରଭୁ ଯେବେ ନ କରିବେ ଘର । କଳିଯୁଗେ ନାରୀଙ୍କି ଯେ ନ ଖୋଜିବେ ନର ।। ବେତାଳେ ବୋଲୁଅଛନ୍ତି ରମା ମୁଖ ଚାହିଁ । ରତ୍ନଖଟେ ଶୋଇଛନ୍ତି ଦୁଇଗୋଟି ଭାଇ ।। କୋଟିସିଂହ ପରାକ୍ରମ ପ୍ରଭୁ ବଳରାମ । ପୁଣି ତହିଁ ଶୋଇଛନ୍ତି କାଳୀୟ ଗଞ୍ଜନ ।। ସାତଗୋଟି ପର୍ବତରୁ ଅଟଇ ଯେ

ଗରୁ । ନାମ ବହିଅଛନ୍ତି ଅଚଳ ମହାମେରୁ ।। ମହାଲକ୍ଷ୍ମୀ ବୋଇଲେରେ ଏମନ୍ତ କରିବ ।। ଦଉଡ଼ିଆ ଖଟ ଏକ ଗୋଟି ଯେ ଆଣିବ । ରାମକୃଷ୍ଣ ଦୁହିଁଙ୍କୁ ଯେ ଗଡ଼ାଇଣ ଦେବ ।। ଶୋଇବାର ରତ୍ନଖଟ ବୋହିଣ ଆଣିବ ।। ଏହା ଶୁଣି ବେତାଳେ ଯେ ଶୀଘ୍ର ଚଳିଗଲେ । ରତ୍ନଖଟ ପାଶେ ଦଉଡ଼ିଆ ଖଟ ଦେଲେ ।। ବଳରାମଙ୍କୁ ପ୍ରଥମେ ଧଇଲେକ ଯାଇ । ଦଉଡ଼ିଆ ଖଟକୁ ଯେ ଦେଲେ ଗଡ଼ିଆଇ ।। ଏ ଉତ୍ତାରୁ ଜଗନ୍ନାଥ ପ୍ରଭୁଙ୍କୁ ଧଇଲେ । ଦଉଡ଼ିଆ ଖଟ ଉପରକୁ ଗଡ଼ାଇଲେ ।। ଶୋଇବାର ରତ୍ନଖଟ ଆଣିଲେକ ବହି । ମହାଲକ୍ଷ୍ମୀ ଆଗେ ଦେଲେ ଆନନ୍ଦରେ ନେଇ ।। ବଳରାମ ପିନ୍ଧିବାର ପାଟ ବୋହି ନେଲେ । ଜଗନ୍ନାଥ ପିନ୍ଧିବାର ନେତ ଘେନିଗଲେ ।। ଦେଖିକରି ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇଲେ । ଅଷ୍ଟବେତାଳଙ୍କୁ ବର ଯାଚିଣ ଯେ ଦେଲେ ।। ଆରେ ଅଷ୍ଟବେତାଳରେ ଏମନ୍ତ କରିବ । ବୈକୁଣ୍ଠପୁରରେ ଯାଇଁ ସୁଖରେ ରହିବ ।। ଆଜ୍ଞା ପାଇଣ ବେତାଳଗଣ ବେଗେ ଗଲେ । ବୈକୁଣ୍ଠପୁରରେ ଯାଇ ପ୍ରବେଶ ହୋଇଲେ ।। ମହାଲକ୍ଷ୍ମୀ ତହୁଁ ଏକ କଥା ବିଚାରିଲେ । ସରସ୍ୱତୀ ଦେବୀଙ୍କୁ ଯେ ହୃଦେ ସୁମରିଲେ ।। ବୋଇଲେ ଗୋ ସରସ୍ୱତୀ ଏମନ୍ତ କରିବା । ରାଜ୍ୟ ରାଜ୍ୟ ହୋଇ ଘରେ ଘରେ ବୁଲୁଥିବ ।। ସର୍ବଦ୍ୱାରେ ଜଗନ୍ନାଥ ବୁଲିବେକ ଯାଇ । ସର୍ବ କଣ୍ଠେ ସରସ୍ୱତୀ ବିଜେ କର ତୁହି ।। ଅନ୍ନ ପାଣି କେହି ତାଙ୍କୁ କିଛି ହିଁ ନ ଦେବେ । ଏତେ ଦୁଃଖ ପାଇଲେ ଯେ ମୋତେ ସୁମରିବେ ।। ଆରାମ ଦାୟିନୀ ରାତ୍ର ସୁଖରେ ପାହିଲା । ବେଳ ଦୁଇଘଡ଼ିକରେ ନିଦ୍ରା ଯେ ଭାଜିଲା ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ଗହଳ ଚହଳ ଆଜି କିଛି ଶୁଭୁନାହିଁ ।। ମୁଦିରଥ ପଣ୍ଡାର ତ ତୁଣ୍ଡ ଶୁଭୁ ନାହିଁ । ଦାସୀ ପରିବାରୀ ଯେ ପରିଛା ଗଲେ କାହିଁ ।। ଶ୍ରୀମୁଖ ପଖାଳିବାକୁ ଜଳ ନ ମିଳଇ । କି ବୁଦ୍ଧି କରିବା ଏବେ କହରେ କହ୍ନାଇଁ ।। ଜଗନ୍ନାଥ କହୁଛନ୍ତି ଶୁଣ ଜ୍ୟେଷ୍ଠଭାଇ । ଲକ୍ଷ୍ମୀ ଛାଡ଼ିଗଲାରୁ ଯେ ଏମନ୍ତ ହୁଅଇ ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ଭାର୍ଯ୍ୟା ଛାର ଏମନ୍ତକୁ କହୁଅଛୁ ତୁହି ।। କାହାର ଭାରିଜା ଯେବେ ରୁଷି ହଜିଯାଏ । ତାର ଗୃହସ୍ଥ କି ଭାତ ରାନ୍ଧିଣ ନଖାଏ ।। ଭଣ୍ଡାର ଘରକୁ ବିଜେ କଲେ ଦୁଇଭାଇ । ଭଣ୍ଡାରେ ଦେଖିଲେ କିଛି ପଦାର୍ଥ ଯେ ନାହିଁ ।। ବଳରାମ କହୁଛନ୍ତି କାହିଁ କିସହେଲା । ବାଉନ କୋଟି ଭଣ୍ଡାର ତକ ଘେନି ଗଲା ।। ଲକ୍ଷେଜୀବ ଖାଇଲେ ବୋହିଲେ ନ ସରଇ । କ୍ଷଣକ ଭିତରେ କିଏ ଘେନିଗଲା ବହି ।। ସୁବର୍ଣ୍ଣ ମୁଦିଏ ବଳରାମ ଯେ ପାଇଲେ । ସାତଗୋଟି ଗଣ୍ଠିଦେଇ କାନିରେ ବାନ୍ଧିଲେ ।। ଜଗନ୍ନାଥ ବୋଇଲେ ହୋ କି ପାଇଲ ଭାଇ । ବଳରାମ କହୁଛନ୍ତି ଧନ ପାଇଲଇଁ ।। ଜଗନ୍ନାଥ କହୁଛନ୍ତି ବଳରାମ ଭାଇ । ବେଙ୍ଗି ପିତ୍ତଳ ଖଣ୍ଡକ ରଖ କାହିଁପାଇଁ ।। ବଳରାମ କହୁଛନ୍ତି କି କଥା ଘଟିଲା । ପାଇଥିବା ସ୍ୱର୍ଣ୍ଣ ବେଙ୍ଗି ପିତ୍ତଳ ହୋଇଲା ।। ଶୁଦ୍ଧ ସୁବର୍ଣ୍ଣରେ ଯେଉଁ ଧନ ହୋଇଥିଲା । ଭାଗ୍ୟକୁ କାଣୀ କଉଡ଼ି ସମାନ ନୋହିଲା ।। ସେଠାରୁ ବାହାରି ଗଲେ ଦୁଇଗୋଟି ଭାଇ ।। ପାକଶାଳା ଦ୍ୱାରେ ଯେ ପ୍ରବେଶ ହେଲେ ଯାଇ ।। ବଳରାମ ଠିଆ ହେଲେ ଦୁଆର ମୁହଁକୁ । ଜଗନ୍ନାଥ ପଶିଗଲେ ରୋଷାଇ ଘରକୁ ।। ଦେହରେ ଲାଗିଲା କଳା ମୁହଁରେ ଲାଗିଲା । କଳା ଶ୍ରୀମୁଖ ଗୋଟିକ ଝଲକି ଦିଶିଲା ।। ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ । ବଡ଼ ଖିଆ ବୋଲି ତତେ ବୋଲନ୍ତି ଜଗତ ।। ମୋତେ ଅନ୍ନ ନ ଦେଇଣ ସବୁ ଖାଉ ତୁହି । ଜଗନ୍ନାଥ କହୁଛନ୍ତି ଶୁଣ ଜ୍ୟେଷ୍ଠଭାଇ ।। ଅନ୍ନ କାହୁଁ ମିଳିବ ଯେ ଚୂଲି ସୁଦ୍ଧା ନାହିଁ । ନ ବୁଝି ଏପରି କିମ୍ପା କହୁଛ ଗୋସାଇଁ ।। ସେଠାରୁ ଯାଇ ଦେଖିଲେ ଧାନର ମରାଇ । ଲକ୍ଷ ଲକ୍ଷ ଭରଣ ଯେ ଧାନ ଯହିଁ ଥାଇ ।। ଦେଖିଲେ ଅଗାଡ଼ି ତହିଁ ଗୋଟିଏ ଯେ ନାହିଁ । ତହୁଁ ଗଲେ ଦୁଇଭାଇ ନିରାଶ ଯେ ହୋଇ ।। ଇନ୍ଦ୍ରଦ୍ୟୁମ୍ନ କୂଳେ ଯାଇ ପ୍ରବେଶ ହୋଇଲେ । ଟୋପାଏ ସୁଦ୍ଧା ଯେ ପାଣି

ତହିଁ ନ ଦେଖିଲେ ।। ବଡ଼ ଦେଉଳରେ ଯାଇ ପ୍ରବେଶ ହୋଇଲେ । ସେ ଦିନକ ଉପବାସ କରିଣ ରହିଲେ ।। ବେଳ ଦୁଇ ଘଡ଼ିକରେ ନିଦ୍ରା ଯେ ଭାଜିଲା । ମୁଖ ପ୍ରକ୍ଷାଳନ ଅର୍ଥେ ପାଣି ନ ମିଳିଲା ।। କି ବୁଦ୍ଧି କରିବା ଏବେ ବୁଦ୍ଧି ଦିଶୁନାହିଁ । ବଳରାମ କହୁଛନ୍ତି ଶୁଣରେ କହ୍ନାଇ ।। କାଲି ଉପବାସରେ ରହିଲୁ ଦୁଇଭାଇ । ଆଜି ପାଦେ ଯିବାକୁତ ବଳ ପାଉନାହିଁ ।। କେଉଁଠାରୁ ଯେବେ ଆଜି ନ ମିଳିବ ଅନ୍ନ । କେମନ୍ତ ପ୍ରକାରେ ଆମ୍ଭେ ଧରିବା ଜୀବନ ।। ବଳରାମ କହୁଛନ୍ତି ଶୁଣ ଆରେ ବାବା । ନଗରରେ ଭିକ୍ଷା ମାଗି ଜୀବନ ପୋଷିବା ।। କାନ୍ଧରେ ପକାଇ ଛିଣ୍ଡା ଉତ୍ତରୀ ପଇତା । ହସ୍ତରେ ଧଇଲେ ଦୁଇଭାଇ ଭଙ୍ଗାଛତା ।। ଚିତା ଘେନିବାକୁ ଜଳ କାହିଁ ନପାଆନ୍ତି । ଯାହା ଘର ଠାକୁ ପାଣି ମାଗିବାକୁ ଯାନ୍ତି ।। ଚୋର ଖଣ୍ଟ ବୋଲି ମାରି ଘଉଡାଇ ଦ୍ୟନ୍ତି । ସେ ଠାବରୁ ଦୁଇଭାଇ ଭୟେ ପଳାବନ୍ତି ।। ଜଗନ୍ନାଥ କହୁଛନ୍ତି ଶୁଣ ଜ୍ୟେଷ୍ଠ ଭାଇ । ବଡ଼ ପଣ୍ଡା ଘରକୁ ହେ ଚାଲ ଏବେ ଯାଇ ।। ହସ୍ତ ଧରାଧରି ହୋଇ ଦୁଇ ଭାଇ ଗଲେ । ବଡ଼ପଣ୍ଡା ଘରଠାରେ ପ୍ରବେଶ ହୋଇଲେ ।। ବଧୂ ତାର କହଇ ଯେ ଶାଶୁ ଆଗେ ଯାଇ । ବ୍ରାହ୍ମଣ ଯେ ଦୁଇ ଗୋଟି ଆସିଛନ୍ତି ଧାଇଁ ।। ଶାଶୁ ରାଣ୍ଡ ତ ତାହାଙ୍କୁ ଚିହ୍ନି ନ ପାରିଲା । ଧାଇଁ ଯାଇ ବେଗେ ଦାଣ୍ଡ କବାଟ କିଳିଲା ।। ଆସ ଆସ ବୋହୂଏ ଲୋ ଠେଙ୍ଗା ବାଡ଼ି ନେଇ । ଚୋର କି ଖଣ୍ଡ ଏ ଦୁହେଁ ଦେବା ଘଉଡ଼ାଇ ।। ଶୁଣି ଦୁଇଭାଇ ତହୁଁ ଡରେ ପଳାଇଲେ । ସାମବେଦ ଯର୍ଜୁବେଦ ଦୂରେ ଉଚ୍ଚାରିଲେ ।। ଶୁଣି ଶୁଷ୍କ ତରୁଗଣ ପଲ୍ଲବୀ ଉଠିଲେ । ଭିକ୍ଷୁକ ବ୍ରାହ୍ମଣ ବୋଲି ବ୍ରାହ୍ମଣୀ ଚିହ୍ନିଲେ ।। ଦୁଇ ଭାଇଙ୍କୁ ଯେ ଡାକି ତହୁଁ ବସାଇଲା । ଖୁଦ ମଳୁଖ ମିଶାଇ ସତ୍ୱରେ ରାନ୍ଧିଲା ।। ଅଫିଟା କଦଳୀମଞ୍ଜି ଦୁଇଖଣ୍ଡ ଆଣି । ବେନି ଭାଇ ପକାଇଣ ସିଞ୍ଚିଲେକ ପାଣି ।। କଂସା ଘେନି ବ୍ରାହ୍ମଣୀ ଯେ ଅନ୍ନ ଆଣିଗଲା । ଅନ୍ନ କି ବାଢ଼ିବ ତାର ହାଣ୍ଡି ଉଭାଇଲା ।।

ଲକ୍ଷ୍ମୀଦ୍ରୋହୀ ପୁରୁଷ ଏ ବୋଲିଣ ଜାଣିଲା । ପାକଶାଳାରୁ ଲେଉଟି ପାଖରେ ମିଳିଲା ।। ଦୁଇ ଗୋଟି ଭାଇଙ୍କର ହସ୍ତକୁ ଧଇଲା । କଟୁକଥା କହି ନେଇ ଦାଣ୍ଡରେ ଛାଡ଼ିଲା ।। ତହୁଁ ଦୁଇ ଜଣ ଯେ ନିରାଶ ହୋଇଗଲେ । କବୀର ସାହିରେ ଯାଇ ପ୍ରବେଶ ହୋଇଲେ ।। କ୍ଷୁଧାର୍ତ୍ତ ବ୍ରାହ୍ମଣ ବୋଲି କବୀର ଜାଣିଲେ । ଖଇ ମାଣ ଚାରି ପାଞ୍ଚ ଆଣି ବେଗେ ଦେଲେ ।। ଅନ୍ତର୍ଗତେ ଜାଣିଲେ ଯେ ଦେବୀ କମଳିନୀ । ପବନକୁ ଡାକି ଆଜ୍ଞାଦେଲେ ସେହିକ୍ଷଣି ।। ଆରେ ପବନ ତୁହି ତ ବେଗେ ଚଳିଯିବୁ ।। ଖଇ ଚାରି ପାଞ୍ଚ ମାଣ ଉଡାଇଣ ନେବୁ ।। ଆଜ୍ଞା ପାଇ ପବନ ଯେ ବେଗେ ଚଳିଗଲା । ପ୍ରଭୁଙ୍କ ଆଗରୁ ଖଇ ଉଡ଼ାଇଣ ନେଲା ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ପ୍ରାଣଗଲା ବେଳେ ଜାତିକୁଳ ଲୋଡୁ କାହିଁ ।। ପଦ୍ମ ପୋଖରୀକୁ ଚାଲ ଯିବା ଦୁଇ ଭାଇ । ପଦ୍ମ ମୂଳ ଖାଇ ପ୍ରାଣ ବଞ୍ଚାଇବା ତହିଁ ।। ଫଳ ପୁଷ୍ପ କରି ତହୁଁ ଗୁଡ଼ିଏ ଖାଇବା । ଅଧିକ ମିଳିଲେ କିଛି ସଞ୍ଚଣ ରଖିବା ।। ଏମନ୍ତ ବିଚାର କରି ଦୁଇଭାଇ ଗଲେ । ପଦ୍ମ ପୁଷ୍କରିଣୀରେ ଯେ ପ୍ରବେଶ ହୋଇଲେ ।। ପଦ୍ମପୋଖରୀରେ ସାତ ତାଳ ପାଣି ଥିଲା । ଲକ୍ଷ୍ମୀ ଆଜ୍ଞାମାତ୍ରେ ସବୁ ପଙ୍କ ହୋଇଗଲା ।। ଜଗନ୍ନାଥ କହୁଛନ୍ତି କି ବୁଦ୍ଧି କରିବା । ଜଳ ନାହିଁ ଫଳ ଏଥୁ କାହିଁରୁ ପାଇବା ।। ଏହା କହି ଦୁଇଜଣ ତହୁଁ ଚଳିଗଲେ । ଯାଉ ଯାଉ ବାଟେ ଏକ ଯୋଗୀକି ଭେଟିଲେ ।। ଜଗନ୍ନାଥ କହୁଛନ୍ତି ଶୁଣ ଆହେ ନାଥ । ତୁମ୍ଭର ଥାଳରୁ ଯେ ଆମ୍ଭଙ୍କୁ ଦିଅ ଭାତ ।। ସଦାନନ୍ଦ ବୋଲେ ରାମକୃଷ୍ଣ ମୁଖ ଚାହିଁ । ଲକ୍ଷ୍ମୀ ଦ୍ରୋହୀ ହୋଇଅଛ ତୁମ୍ଭେ ଦୁଇ ଭାଇ ।। ଦୁଧ ଅନ୍ନରେ ଯେ ମୋର ଥାଳ ପୂରିଥିଲା । ତୁମ୍ଭେ ମାଗନ୍ତେଣ ଅନ୍ନ ଶୂନ୍ୟ ହୋଇଗଲା । ଅନ୍ନ ଜଳ ନ ମିଳିବ ତୁମ୍ଭଙ୍କୁ ଯେ କାହିଁ । ସମୁଦ୍ର କୂଳକୁ ବେଗେ ଯାଅ ଦୁଇଭାଇ ।। ମୁହିଁ

ଯାଇଥିଲି ମୋତେ ଅନ୍ନ ଥିଲେ ଦେଇ । ଖାଇଲେ ବହିଲେ ସେହି ଅନ୍ନ ନ ସରଇ ।। ଏହି ରୂପେ ସତ୍ୟାନନ୍ଦ ବାଟ କହିଦେଲେ । ଯିବା ବୋଲି ଦୁଇଭାଇ କମର ବାନ୍ଧିଲେ ।। ହଟି କମଳିନୀ ତହୁଁ ହଟ ଭିଆଇଲେ । ସୂର୍ଯ୍ୟଙ୍କୁ ଡାକିଣ ଦେବୀ ବେଗେ ଆଜ୍ଞା ଦେଲେ । ଅତିଶୀଘ୍ର ଟାଣଖରା କର ବେଗେ ଯାଇ । ବାଲି ମାଟି ତାତୁ ବେଗେ ଡହ ଡହ ହୋଇ ।। ତାତିବ ଖରାରେ ଯେହ୍ନେ ଭାଜିବାର ବାଲି । ପାଦେ ମାତ୍ର କେହି ତହିଁ ନ ପାରିବେ ଚାଲି ।। ଜଗନ୍ନାଥ କହୁଛନ୍ତି ଶୁଣ ଜ୍ୟେଷ୍ଠଭାଇ । ଏତେ ବଡ଼ ଖରାରେ ମୁଁ ଚାଲି ନ ପାରଇ ।। ବେଗ ବେଗ ହୋଇ ତୁମ୍ଭେ ଯାଉଅଛ ଧାଇଁ । ବୁଦ୍ଧି ଦିଶୁନାହିଁ ଏବେ କିସ କରିବଇଁ ।। ଶୁଣି ନ ଶୁଣିଲା ପରି ବଳଦେବ ଗଲେ । କମଳାଙ୍କ ସିଂହଦ୍ୱାରେ ପ୍ରବେଶ ହୋଇଲେ ।। ସିଂହଦ୍ୱାରେ ପ୍ରବେଶିଣ ଡାକିଲେକ ଯହୁଁ । ଡାକ ଶୁଣି ଦାସୀମାନେ ଅଇଲେକ ତହୁଁ ।। କେଉଁ ଦାସୀ କହୁଅଛି ଶୁଣ ଆଗୋ ସହି । ଏପରି କାଙ୍ଗାଳ ମୁଁ ଯେ କାହିଁ ଦେଖି ନାହିଁ ।। ଏହିପରି ମୋଟା ହୋଇ ଗୋଟାଏକ ଥିଲା । ଆମ୍ଭ ଠାକୁରାଣୀଙ୍କୁ ଯେ ଘଉଡାଇଦେଲା ।। ଏହି ରୂପେ ଦାସୀମାନେ କୁହାକୁହି ହେଲେ । ବେକରେ ହାତ ଦେଇଣ ଦାଣ୍ଡରେ ଛାଡ଼ିଲେ ।। ବଳରାମ ପ୍ରଭୁ ତହିଁ ଲେଉଟି ଅଇଲେ । ଜଗନ୍ନାଥ ଠାକୁରଙ୍କୁ ବାଟରେ ଦେଖିଲେ ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ଦାସୀମାନେ ଆସି ମୋତେ ଦେଲେ ଘଉଡାଇ ।। ଜଗନ୍ନାଥ କହୁଛନ୍ତି କି ବୁଦ୍ଧି କରିବା । କେମନ୍ତ ପ୍ରକାରେ ଆମ୍ଭେ ଜୀବନ ଧରିବା ।। ଆଉଥରେ ଚାଲ ବେନିଭାଇ ଫେରିଯିବା । ବିନୟ କରିଣ ଅନ୍ନ ଦାସୀଙ୍କୁ ମାଗିବା ।। ବଳରାମ କହୁଛନ୍ତି ପଛେ ଆମ୍ଭେ ଥିବୁ । ଆଗରେ ଯାଇଣ ଅନ୍ନ ତୁହି ଯେ ମାଗିବୁ ।। ଏତେ କହି ସିଂହଦ୍ୱାରେ ପ୍ରଭୁ ବିଜେକଲେ । ମନ୍ଦିରର ଶୋଭା ଦେଖି ଆଶ୍ଚର୍ଯ୍ୟ ହୋଇଲେ ।। ବଳରାମ କହିଲେ ହେ ଶୁଣରେ କହ୍ନାଇ । ପଞ୍ଚମ ସ୍ୱରରେ ସାମ ବେଦ ପଢ ତହି ।।

ଜଗନ୍ନାଥ ପ୍ରଭୁ ଯହୁଁ ଏମନ୍ତ ଶୁଣିଲେ । ଓଁକାର ଶବଦ କରି ବେଦଧ୍ୱନି କଲେ ।। ଋକ୍ ସାମ ଯଜୁ ଅଥର୍ବ ଯେ ଚାରିବେଦ । ବ୍ରହ୍ମାଣ୍ଡ ପୂରି ଉଠିଲା ଗହଗହ ନାଦ ।। ପଲଙ୍କ ଉପରେ ଯେ କମଳା ଶୋଇଥିଲେ । ନିସ୍ତରିଲି ନିସ୍ତରିଲି ବୋଲିଣ ବୋଇଲେ ।। କୋଟି କୋଟି ଜନ୍ମର ପାତକ ହେଲା କ୍ଷୟ । ମୋ ଘରେ ବିଜୟ କଲେ ପ୍ରଭୁ ଦେବରାୟ ।। ପଚାର ପଚାର ଦାସୀ ପଚାରଲୋ ଯାଇ । କିସ ମାଗୁଛନ୍ତି ସେ ବ୍ରାହ୍ମଣ ଦୁଇଭାଇ ।। ଧାଇଁଯାଇ ମୁହୁସୁଲି ତାଙ୍କୁ ପଚାରିଲେ । କି ମାଗୁଛ ପଣ୍ଡାମାନେ କହ ତୁମ୍ଭେ ଭଲେ ।। ଜଗନ୍ନାଥ କହୁଛନ୍ତି ଦାସୀ ମୁଖ ଚାହିଁ । ଅନ୍ନ ଗଣ୍ଡାଏକ ତୁମ୍ଭେ ପାରିବ କି ଦେଇ ।। ଏମନ୍ତ ଶୁଣିଣ ଦାସୀମାନେ ଚଳିଗଲେ । ଲକ୍ଷ୍ମୀଠାକୁରାଣୀ ଆଗେ ବେଗେ ସେ ବୋଇଲେ ।। ଦାସୀଙ୍କ ମୁଖରୁ ସେ ଏମନ୍ତ ବାକ୍ୟ ଶୁଣି । ମନେ ବିଚାର କରନ୍ତି ଲକ୍ଷ୍ମୀ ଠାକୁରାଣୀ । ଏକଥା ଅରଜି ଅଛି ଚଣ୍ଡାଳୁଣୀ ମୁହିଁ । ଏବେ ଦାସୀମାନେ ଲୋ ପଚାର ବେଗେ ଯାଇଁ ।। ବ୍ରାହ୍ମଣ ହୋଇ ମୋ ଘରେ କି ରୂପେ ଭୁଞ୍ଜିବେ । ଚଣ୍ଡାଳୁଣୀ ଅନ୍ନ ଖାଇ ଅପବାଦ ନେବେ ।। ଏ ମୋହର ଦ୍ରବ୍ୟ ତାଙ୍କୁ ଛୁଇଁ ନ ଯୋଗାଇ । ଜାଣୁ ଜାଣୁ ମୁଁ କେମନ୍ତ ପ୍ରକାରେ ଦେବଇଁ ।। ଠାକୁରାଣୀ ସମୀପରୁ ଦାସୀମାନେ ଗଲେ । ବ୍ରାହ୍ମଣଙ୍କ ଆଗେ ଯାଇ ଏମନ୍ତ କହିଲେ ।। ଦାସୀଙ୍କ ମୁଖରୁ ଯେ ଏମନ୍ତ ବାଣୀ ଶୁଣି । କ୍ଷୁଧାତୁର ହୋଇଣ କହନ୍ତି ହଳପାଣି ।। ନୂଆ ହାଣ୍ଡି ନୂଆସଞ୍ଜା ଦେଇ କି ପାରିବୁ । ଏମନ୍ତ ହୋଇଲେ ଅମ୍ଭେମାନେ ଯେ ଖାଇବୁ ।। ଦାସୀମାନେ କହନ୍ତି ଲକ୍ଷ୍ମୀଙ୍କ ଆଗେ ଯାଇ । ହାତେ ରାନ୍ଧି ଭୋଜନ କରିବେ ଦୁଇଭାଇ ।। ଏହାଶୁଣି ମହାଲକ୍ଷ୍ମୀ ସନ୍ତୋଷ ହୋଇଲେ । ଦାସୀଙ୍କ ହସ୍ତରେ ହାଣ୍ଡି ଦଶଗୋଟି ଦେଲେ ।। ଚାଉଳ ପୌଟିଏ ନେଇ ଛାମୁରେ ରଖିଲେ । ଲେଉଟିଆ ଶାଗ ନେଇ ପୁଳାଏକ ଦେଲେ ।। ଆଳୁ ସାରୁ କଦଳୀ ଯେ ବଡ଼ି ବାଇଗଣ । ଦୁଧ ଦହି ଛେନା ଯେ

ଶର୍କରା ଦେଲେ ପୁଣ ।। ଏବେ ଯେତେ ଇଚ୍ଛା ତେତେ ଭୁଞ୍ଜ ହୋ ବୋଇଲେ । ଗୃହେ ମହାଲକ୍ଷ୍ମୀ ଥାଇ ବିଚାର ଯେ କଲେ ।। ରାନ୍ଧିଣ ଭୁଞ୍ଜିବେ ଯେବେ ଏହି ଦୁଇଭାଇ । ନାରୀଙ୍କୁ ପୁରୁଷ ଆଉ ଲୋଡ଼ିବେ କିମ୍ପାଇଁ ।। ଲକ୍ଷ୍ମୀଦେବୀ କାଠଖଣ୍ଡେ ହସ୍ତରେ ଧଇଲେ । ଅଗ୍ନିର ସ୍ତମ୍ଭନ ମନ୍ତ୍ର ଦେବୀ ପାଠ କଲେ ।। କଦାପି ଅଗ୍ନି ଦେବତା ତେଜ ନ ହୋଇବ । ହାଣ୍ଡି ନ ତାତିବ ଆଉ ପାଣି ନ ତାତିବ ।। ଯେତେ କାଠ ଜଳୁଥିବ ଭସ୍ମ ହୋଇଯିବ । କୁହୁଳି କରିଣ ତହୁଁ ଧୂଆଁ ହେଉଥିବ ।। ଏମନ୍ତ ବୋଲିଣ ଯେ କମଳା ଆଜ୍ଞା ଦେଲେ । ସେହି ପ୍ରକାରରେ ଅଗ୍ନି ଦେବତା ଯେ କଲେ ।। ସବୁ କାଠଯାକ ତହିଁ ଅଙ୍ଗାର ହୋଇଲା । ତେବେ ସୁଦ୍ଧା ଯେ କିଞ୍ଚିତେ ପାଣି ନ ତାତିଲା ।। ହଟି କମଳିନୀ ହଟ ଭିଆଇଲେ ଯେଣୁ । ହାଣ୍ଡି ତଳେ କଳାଟିକେ ନ ପଡ଼ିଲା ତେଣୁ ।। ସୁଗନ୍ଧ ତଇଳ ଦେବୀ ଦେଲେ ପଠିଆଇ । ଦାସୀମାନେ କହୁଛନ୍ତି ବ୍ରାହ୍ମଣଙ୍କୁ ଚାହିଁ ।। ପାକସିଦ୍ଧି ହେଲା କି ନ ହେଲା ହେ ଗୋସାଇଁ । ତଇଳ ଲଗାଇ ସ୍ନାନକର ବେଗେ ଯାଇଁ ।। ଜଗନ୍ନାଥ କହୁଛନ୍ତି ପାଣି ନ ତାତିଲା । କି ପାକ କରିବୁ ବେଳ ଉଛୁର ହୋଇଲା ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ଅନ୍ନ ହୋଇଲାକି ନାହିଁ କହ ବେଗେ ତୁହି ।। ଜଗନ୍ନାଥ କହୁଛନ୍ତି ଶୁଣ ଆହେ ଭାଇ । ଅନ୍ନ କି ହୋଇବ ଟିକେ ପାଣି ତାତି ନାହିଁ ।। ବଳରାମ କହୁଛନ୍ତି ରେ ଅଧୁଆ ମୁହାଁ । ରାନ୍ଧି ନ ଜାଣି ତୁ ହୋଇ ଅଛୁ ରାନ୍ଧୁଣିଆ ।। ତୁହି ଆଡ଼ହୁଅ ମୁହିଁ ରାନ୍ଧୁଅଛି ଯାଇଁ । ଅନ୍ନ ରାନ୍ଧିବାକୁ ଗଲେ ବ୍ରାହ୍ମଣ ଗୋସାଇଁ ।। ଫୁଙ୍କି ଫୁଙ୍କି ବଳରାମ ବିରକ୍ତ ହୋଇଲେ । କାଠଖଣ୍ଡେ ଘେନିଣ ଯେ ହାଣ୍ଡି ପିଟି ଦେଲେ ।। କ୍ଷୁଧାରେ ଯେ ଦୁଇଭାଇ ଆକୁଳ ହୋଇଲେ । କି ବୁଦ୍ଧି କରିବା ଜଗନ୍ନାଥଙ୍କୁ ବୋଇଲେ ।। ଜଗନ୍ନାଥ ବୋଇଲେ ତ ବୁଦ୍ଧି ଦିଶୁନାହିଁ । କ୍ଷୁଧାରେ ଆତୁର ହେଉଅଛି ମୋର ଦେହୀ ।। ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ । ଜାତିପଛେ ଯାଉ ତାର ଘରେ ଖାଉଁ ଭାତ ।। ଯେବେ ଏହାଘରୁ ଭାତ ଆମ୍ଭଙ୍କୁ ନ ଦେବ । ଆମ୍ଭ ଦୁଇ ଭାଇଙ୍କର ମରଣ ହୋଇବ ।। ଲେଉଟିଣ ଦାସୀ ଯାଇ ଲକ୍ଷ୍ମୀଙ୍କୁ କହିଲେ । ବ୍ରାହ୍ମଣ ତ ହାଣ୍ଡି ଭାଙ୍ଗି ଫୋପଡ଼ାଇ ଦେଲେ ।। ଏହାଶୁଣି ମହାଲକ୍ଷ୍ମୀ ମନେ ଚିନ୍ତାକଲେ । କେତେ ଦୁଃଖ ଦୀନବନ୍ଧୁ ଦୁହେଁ ଯେ ପାଇଲେ ।। ସୁବର୍ଣ୍ଣର ଚଟୁ ଗୋଟି ହସ୍ତରେ ଧଇଲେ । ରୋଷେଇ ଶାଳାକୁ ଲକ୍ଷ୍ମୀ ଦେବୀ ବିଜେ କଲେ ।। ପ୍ରଥମେ ରାନ୍ଧିଲେ ମାଏ ବଗଡ଼ା ଯେ ଅନ୍ନ । ମୁଗ ମଧୁରୁଚି କ୍ଷୀରି ନାନାବିଧି ବ୍ୟଞ୍ଜନ ।। ଆମ୍ବିଳ ଶାକର କଲେ କଦଳୀର ଭଜା । ଅତି ଯତ୍ନେ କଲେ ମାଏ ତିଅଣ ଯେ ମଞ୍ଜା । ଷାଠିଏ ପଉଟି ସେ ରନ୍ଧନ କଲେ ଯାଇ । ବଗଡ଼ା ଭାତ ମହିମା କଳନା ନ ଯାଇ ।। ଦୁଧପୁଳି କଲେ ମାଏ ଘୃତପୁଳି କଲେ । ଅତି ଯତନରେ ମାଏ ସରପୁଳି କଲେ ।। ଯେତେ ଦ୍ରବ୍ୟ ରାନ୍ଧିଛନ୍ତି ବ୍ରାହ୍ମଣଙ୍କ ରୁଚି । ବଡ଼ିର ମହୁର କଲେ ପକାଇଣ ସାଚି ।। ସହସ୍ର ଆଟିକା ରାନ୍ଧି ଦ୍ରବ୍ୟ ସମ୍ପାଦିଲେ । ଯେ ଯାହା ସ୍ଥାନରେ ଯତ୍ନେ ରଖାଇଣ ଦେଲେ ।। କର୍ପୂର ଛେନା ଶର୍କରା ସମସ୍ତ ଗୋଳାଇ । ଷାଠିଏ ନଉତି ପଣା ରଖିଲେ କ ତହିଁ । ରଙ୍ଗବାଣ ପଇଡ଼ ସଙ୍ଗତେ ଛେନାପଣା । ଅଦା ମିଶା କରି ଯେ ନବାତ ଖଣ୍ଡଛେନା ।। ଲକ୍ଷ୍ମୀଙ୍କର ପାକ ଗୁଣ କେ କହିପାରିବ । କ୍ଷଣକ ମଧ୍ୟରେ ମାଏ ସଜାଡ଼ିଲେ ସର୍ବ ।। ସବୁଥିରୁ ଖଣ୍ଡିଏ ଖଣ୍ଡିଏ ରଖିଥିଲେ । ଭୋଜନ ଶେଷକୁ ପୋଡ଼ପିଠାଏ ରଖିଲେ ।। ବୋଇଲେ ଦାସୀଙ୍କି କର ଅଙ୍ଗ ମରଦନ । ବ୍ରାହ୍ମଣ ବୋଲିଣ ମନେ ନ ପାଞ୍ଚିବ ଭିନ୍ନ ।। ବ୍ରାହ୍ମଣମାନଙ୍କ ମୁହିଁ ଅଟେ ନିଜ ଦାସୀ । ଶୁଣିଣ ଆନନ୍ଦେ ଚଳିଗଲେ ସବୁ ଦାସୀ ।। ଦାସୀମାନେ କହୁଛନ୍ତି ସୁବେଦୀ ଗୋସାଇଁ । ସ୍ନାନକର ବେଗେ ଅଙ୍ଗ ମରଦନ ହୋଇ ।। ତହୁଁ ସୁବାସ ଜଳରେ ଦୁହେଁ ସ୍ନାନକଲେ । ଅଙ୍ଗପୋଛିବାକୁ ଦାସୀ ଗାମୁଛାଏ ଦେଲେ ।। ପିନ୍ଧିବାକୁ ପୀତାମ୍ବର ପାଟ ଆଣି ଦେଲେ । ସୁବେଶ ହୋଇଣ ଦୁଇ ଭାଇ ଯେ ବସିଲେ ।। ବଳରାମ କହୁଛନ୍ତି

ଶୁଣରେ କହ୍ନାଇ । ଏମନ୍ତ ପ୍ରକାରେ ମାନ୍ୟ କରେ କିସପାଇଁ ।। ଏହା ଘରେ ପୁରୁଷତ ଜଣେ ଦିଶୁନାହିଁ । ଶୂଳି ଦେବା ପ୍ରାୟ ଏହି ବିଚାର ଦିଶଇ ।। ଚାଲ ଏବେ ପଳାଇଣ ଏହିଠାରୁ ଯିବା । କ୍ଷଣକ ମଧ୍ୟରେ ଆଉ ପ୍ରାଣ ନ ପାଇବା ।। ଜଗନ୍ନାଥ କହୁଛନ୍ତି ଜ୍ୟେଷଭାଇ ଶୁଣ । ଏ ଘରର କର୍ତ୍ତା ଆଜ ହୋଇବେ ଆପଣ ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇଁ । ଏମନ୍ତ କହିବା ତୋର ଉଚିତ ନୁହଇ ।। ଗୃହ ପରିଷ୍କାର ଦେବୀ ସ୍ୱହସ୍ତରେ କଲେ । ଗନ୍ଧ ଯେ ଚନ୍ଦନ ମାଏ ଛଡ଼ା ପକାଇଲେ ।। ସୁବର୍ଣ୍ଣର ଥାଳି ସୁବର୍ଣ୍ଣର ଗିନାଝରି । ହାତଧୁଆ ପାଦଧୁଆ ସୁସଜ୍ଜିତ କରି ।। ମଣୋହି କରିବା ବିଧି ଯେମନ୍ତେ ଭିଆଣ । ସୁବର୍ଣ୍ଣର ପୀଠ ତହିଁ କଲେକ ନିର୍ମାଣ ।। ମହାଲକ୍ଷ୍ମୀ କହୁଛନ୍ତି ଦାସୀ ମୁଖ ଚାହିଁ । ବେଗ କରି ପ୍ରଭୁଙ୍କୁ ଲୋ ଘେନିଆସ ଯାଇ ।। ଏହା ଶୁଣି ଦାସୀମାନେ ବେଗେ ଚଳିଗଲେ । ବ୍ରାହ୍ମଣଙ୍କ ପାଖେ ଯାଇଁ ପ୍ରବେଶ ହୋଇଲେ ।। ବିନୟରେ କହୁଛନ୍ତି ବ୍ରାହ୍ମଣ ଗୋସାଇଁ । ଭୋଜନ କରିବ ଚାଲ ସ୍ଥାନ ଅଛି ହୋଇ ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ନାରୀଏ ଜଣେ ପୁରୁଷ କେହି ଏଥି ନାହିଁ ।। ଭିତରକୁ ଯିବାର ଆମ୍ଭ ଉଚିତ ନୁହଁଇ । ପତ୍ର ଦୁଇଖଣ୍ଡ ତୁମ୍ଭେ ଆଣ ବେଗେ ଯାଇ ।। ଜଗନ୍ନାଥ କହୁଛନ୍ତି ଶୁଣ ଭାଇ ତୁମ୍ଭେ । ଏ ଘରର କର୍ତ୍ତା ଆଜ ହୋଇବ ଯେ ଆମ୍ଭେ । କିପାଁ ତୁମ୍ଭେ ଭୟ କରଅଛ ଜ୍ୟେଷ୍ଠ ଭାଇ । ଦାତା ଦେଉଅଛି ଆମ୍ଭେ ଛାଡ଼ିବା କିମ୍ପାଇଁ ।। ଭୟେ ବଳରାମ ସେ ଠାବରୁ ନ ଉଠନ୍ତି । ହସ୍ତ ଧରି ଘେନିଗଲେ କମଳାଙ୍କ ପତି ।। ଠାବ ସଞ୍ଚାରେ ଯେ ବଳରାମ ନ ବସନ୍ତି । ହସ୍ତଧରି ବସାଇଲେ ଦେବ ଶିରୀପତି ।। କମଳିନୀ କହୁଛନ୍ତି ତୁଳସୀ ବ୍ରାହ୍ମଣୀ ! ଦେଢ଼ଶୁର ମୋର ଯେ ଅଟନ୍ତି ହଳପାଣି ।। ତାହାଙ୍କୁ କେମନ୍ତେ ଅନ୍ନ ମୁହିଁ ଦେବି ନେଇ । ଭିତରେ ଥାଇଣ ମୁଁ ଯେ ଦେବଇଁ ବଢ଼ାଇ ।। ବଡ଼ ସାନ ବୋଲି ଆଗ ପଚାରିବୁ ଯାଇ । ବଡ଼ଠାରେ ଆଗ ଅନ୍ନ ପରଶିବୁ ନେଇ ।। ଅନ୍ନଥାଳି ନେଇ ବେଗେ ବ୍ରାହ୍ମଣୀ ଅଇଲା । ବଡ଼ ସାନ କେଉଁ ପଣ୍ଡା ବୋଲି ପଚାରିଲା ।। ବଳରାମ ବୋଲୁଛନ୍ତି ହୋଇଲୁକି କାଣୀ । ବଡ଼ ସାନ କିଏ ତୋତେ ନ ଦିଶଇ ପୁଣି ।। ଆମ୍ଭେ ବଡ଼ ବୋଲିଣ ଯେ ବଳରାମ କହି । ବ୍ରାହ୍ମଣୀ ବୋଇଲେ କୋପ କଲକି ଗୋସାଇଁ ।। ପ୍ରଥମ ଥାଳିର ଅନ୍ନ ବଳରାମେ ଦେଲା । ଭିତରକୁ ଆଉ ଅନ୍ନ ଆଣିବାକୁ ଗଲା ।। ଆଉ ଏକ ଥାଳି ଅନ୍ନ ଆଣିଲା ବେଳକୁ । ଚାରି ଗ୍ରାସରେ ଖାଇଲେ ବଳରାମ ତାକୁ ।। ଅନ୍ନ ଥାଳି ଘେନିକରି ବ୍ରାହ୍ମଣୀ ଅଇଲା । ଏ ପଣ୍ଡାର ଅନ୍ନଯାକ କିଏ ଘେନିଗଲା ।। ବଳରାମ ବୋଇଲେ କ୍ଷୁଧାର୍ତ୍ତ ହୋଇଥିଲୁ । ଆଗକରି ଚାରିଗ୍ରାସ ବେଗେ ଖାଇଦେଲୁ ।। ହସିଲା ବ୍ରାହ୍ମଣୀ ଦୁଇଭାଇଙ୍କୁ ଅନାଇଁ । କୁଟୁମ୍ବ ମାରିବା ପ୍ରାୟ ଦିଶୁଛ ଗୋସାଇଁ ।। ପୁତ୍ର ଭାରିଜା କି ତୁମ୍ଭ ଦୁହିଁଙ୍କର ନାହିଁ । ପେଟ ଲାଗି ବୁଲୁଅଛ ଦେଶ ଦେଶ ହୋଇ ।। ସହସ୍ର କାନ୍ଧି କଦଳୀ ରଖିଦେଲେ ନେଇ । ଷାଠିଏ ନଉତି ପଣା ବେଗେ ଦେଲେ ଥୋଇ ।। ଯେଉଁପରି ପ୍ରଭୁଙ୍କର ମନକୁ ରୁଚଇ । ସେହିପରି କମଳିନୀ ଦିଅନ୍ତି ପଠାଇ ।। ଭୋଜନ ଶେଷକୁ ଯେ ବୋଲନ୍ତି ବଳରାମ । ଲକ୍ଷ୍ମୀଙ୍କ ରାନ୍ଧଣା ପରି ଲାଗୁଛି ଉତ୍ତମ ।। ଜଗନ୍ନାଥ କହୁଛନ୍ତି ବଳରାମ ଭାଇ । ଲକ୍ଷ୍ମୀପରା ଭାର୍ଯ୍ୟାକୁ ପାଇବି ଆଉ କାହିଁ ।। ଲକ୍ଷ୍ମୀଙ୍କୁ ଭର୍ତ୍ସନା କରି ଦେଲ ଘଉଡ଼ାଇ । ବାହାରିଗଲେ ସେ ତାଙ୍କ ଇଚ୍ଛା ହେଲା ଯହିଁ ।। ଏମନ୍ତ ସମୟେ ପୋଡ଼ପିଠା ଦେଲେ ନେଇ । ଜଗନ୍ନାଥ କହୁଛନ୍ତି ବଳରାମ ଭାଇ ।। ମୋର ମନ କଥାକୁ ଯେ ଲକ୍ଷ୍ମୀ ଜାଣିଥାଇ । ଭୋଜନ ଶେଷକୁ ପୋଡ଼ପିଠାଏ ଦିଅଇ ।। ଭୋଜନ ସାରିଣ ପ୍ରଭୁ ଆଚମନ କଲେ । କର୍ପୂର ତାମ୍ବୁଳ ଦୁଇ ଭାଇ ଯେ ଭୁଞ୍ଜିଲେ ।। ବାହାର ମେଲାରେ ପ୍ରଭୁ ବିଜେକଲେ ଯାଇଁ । ଗବାକ୍ଷ ଦ୍ୱାରରେ ଲକ୍ଷ୍ମୀ ଅଛନ୍ତି ଅନାଇଁ ।। ପଚାର ପଚାର ଦାସୀ ପଚାରଲୋ ଯାଇଁ । ବିଭା ହୋଇ ଅଛନ୍ତି କି ପଣ୍ଡା ଦୁଇ ଭାଇ ।। ଏହା ଶୁଣି ଦାସୀମାନେ ବେଗେ ଚଳିଗଲେ । ବ୍ରାହ୍ମଣଙ୍କ ନିକଟରେ ପ୍ରବେଶ ହୋଇଲେ ।। ପୁତ୍ର

ଭାରିଜା ଅଛି କି ନାହିଁ ତୁମ୍ଭ ଘର । କେଉଁ ରାଜ୍ୟେ ବାଡ଼ି ବୃତ୍ତି ଶାସନ ତୁମ୍ଭର ।। ଜଗନ୍ନାଥ କହୁଛନ୍ତି ଶୁଣ ଦାସୀ ତୁହି । ବିବାହ ହେବାକୁ ଦ୍ରବ୍ୟ ଆମ୍ଭର ଯେ ନାହିଁ । ଗୁଆବାଡ଼ି ଶାସନ ପାଇବୁ ଆମ୍ଭେ କାହିଁ ।। ଲକ୍ଷ୍ମୀପରା ଭାର୍ଯ୍ୟାକୁ ଯେ ଦେଲୁ ଘଉଡାଇ ।। କପାଳମନ୍ଦ ଆମ୍ଭର ଦୁଇଭାଇ ବୁଲୁ । ଲକ୍ଷ୍ମୀ ଘଉଡାଇ ଆମ୍ଭେ ଏ ଦୁଃଖ ପାଇଲୁ ।। ଦାସୀଏ ବୋଇଲେ ପଣ୍ଡା ହୋଇଲ କି ବାଇ । ନାରୀକି ଛାଡ଼ିଲେ ପୁଂଷ ଦରିଦ୍ର କି ହୋଇ ।। ଗୋବିନ୍ଦ ବୋଲନ୍ତି ଆମ୍ଭେ କହୁଅଛୁ ଶୁଣ । କେଉଁ ନାରୀ ଥିଲେ ହୁଏ ଐଶ୍ୱର୍ଯ୍ୟ ବର୍ଦ୍ଧନ ।। କେଉଁନାରୀ ଥିଲେ ବଂଶ ନିପାତ ହୁଅଇ । କେଉଁ ନାରୀ ଥିଲେ ବାସି ପେଜ ନ ମିଳଇ ।। କେଉଁ ନାରୀ ଥିଲେ ଶାଢ଼ୀ ସୁନା ବଳା ପାଇ । କେଉଁନାରୀ ଅଲକ୍ଷଣୀ ଘରକୁ ଭାଙ୍ଗଇ ।। ତୁମ୍ଭ ସାଆନ୍ତାଣୀଙ୍କୁ ଗୋ ପଚାରତ ଯାଇ । ଦାସୀ କହେ ବାତୁଳ କି ହୋଇଲ ଗୋସାଇଁ ।। କ୍ଷୁଧା ଲାଗୁଥିଲା ଏବେ ଭାତତ ଖାଇଲ । ଆମ୍ଭ ସାମନ୍ତାଣୀଙ୍କୁ ଯା ପଚାର ବୋଇଲ ।। ବଳରାମ ବୋଇଲେ ଏ ମୋର ପିଲାଭାଇ । ତୁମ୍ଭ ସାମନ୍ତାଣୀ ଆଗେ ଜଣାଇବ ନାହିଁ ।। ଜଗନ୍ନାଥ କହୁଛନ୍ତି ଭୟ କାହିଁପାଇଁ । କିଛି ନ ବିଚାର ଆହେ ବଳରାମ ଭାଇ ।। ଲକ୍ଷ୍ମୀଙ୍କର ଗୃହ ସିନା ଅଟଇ ଯେ ଏହି । ଏଠାରେ ଆପଣ ଭୟ କର କିସପାଇଁ ।। ବଳରାମ ବୋଲୁଛନ୍ତି ବାବୁ ଚକ୍ରଧର । ତୁମ୍ଭେ ଯାଇଁ ହସ୍ତଧର ମହାଲକ୍ଷ୍ମୀଙ୍କର ।। ଆମ୍ଭେ ଦୋଷ କଲୁ ବୋଲି କହ ତାଙ୍କୁ ଯାଇ । ଯହିଁ ଇଚ୍ଛା ତହିଁ ଯାଅ ଆମ୍ଭ ମନା ନାହିଁ ।। ଯେତେବେଳେ ବଳରାମ ଏମନ୍ତ କହିଲେ । ଭିତର ପୁରକୁ ପ୍ରଭୁ ନିଜେ ବିଜେ କଲେ ।। ଧୀରେ ଧୀରେ ଭିତରକୁ ଗଲେ ପୀତବାସ । ପ୍ରବେଶ ହୋଇଲେ ଯାଇ କମଳାଙ୍କ ପାଶ ।। ପାଣିଝରି ଘେନିକରି କମଳା ଅଇଲେ । ଦରହାସେ ପ୍ରଭୁଙ୍କର ମୁଖକୁ ଚାହିଁଲେ ।। ଅତି ଯତନରେ ଦେଲେ ପାଦପଦ୍ମ ଧୋଇ । ଥୋକାଏ ପାଦ ଉଦକ ମସ୍ତକେ ଲଗାଇ ।। କିଛି ପଦୋଦକ ଲକ୍ଷ୍ମୀ ଗର୍ଭକୁ କ୍ଷେପିଲେ । ପଞ୍ଚବର୍ଣ୍ଣ ପୁଷ୍ପେ ପଦ୍ମପାଦ ପୂଜାକଲେ ।। ମହାଲକ୍ଷ୍ମୀ କହୁଛନ୍ତି ପ୍ରଭୁଙ୍କୁ ଅନାଇ । ଚଣ୍ଡାଳୁଣୀ ବୋଲି ମୋତେ ଦେଲ ଘଉଡାଇ ।। ଚଣ୍ଡାଳୁଣୀ ଘରେ ଏବେ ଭୁଞ୍ଜିଲ ଗୋସାଇଁ । ଚଣ୍ଡାଳ ବିଟାଳ ହେଲ ଦୁଇଗୋଟି ଭାଇ ।। ଧିକ ତୁମ୍ଭ ବଡ଼ପଣ ଧିକ ତୁମ କଥା । ପୋଡୁ ତୁମ୍ଭର ପ୍ରତିଜ୍ଞା ଧିକ ତୁମ୍ଭ ଭ୍ରାତା ।। ମହାଲକ୍ଷ୍ମୀ ଏ ପ୍ରକାରେ ବହୁ ଧିକାରିଲେ । କାଳୀୟ ଗଞ୍ଜନ ଶୁଣି କିଛି ନ କହିଲେ ।। ମହାମାୟୀ ବୋଇଲେ ହେ ଶୁଣ ମୋ ବଚନ । ମୋରେ କିସ କାର୍ଯ୍ୟ ତୁମ୍ଭେ କୁହ ହେ ବହନ ।। କିଛିକ୍ଷଣ ଉତ୍ତାରେ ବୋଇଲେ ଜଗନ୍ନାଥ । ଏବେ ମନୁ ମାନ ତେଜ ଜଗତର ମାତ ।। ଅକାରଣେ ଏତେ କଥା କୁହ ପ୍ରାଣସହି । ଆମ୍ଭର ପ୍ରାର୍ଥନା ଆମ୍ଭ ସଙ୍ଗେ ଯିବାପାଇଁ ।। ବଡ଼ ହେଲେ କିସ ହେଲା ଗରବ ଗଞ୍ଜିଲ । ରବିତଳେ ସବୁ ଯୁଗେ ସୁଯଶ ରଖିଲ ।। ତୁମ୍ଭ ଯୋଗେ ଆମ୍ଭେ କଷ୍ଟ ପାଇଲୁ ବହୁତ । ଆମ୍ଭେ ଭିକ୍ଷା ମାଗିବାର ଜାଣିଲେ ଜଗତ ।। ତୁମ୍ଭ ଜୟକୀର୍ତ୍ତି ଏବେ ଜଗତେ ରହିଲା । ଆମ୍ଭଙ୍କୁ ଅନ୍ନ ଦେବାର ଜଗତ ଶୁଣିଲା ।। ଗୁରୁବାର ଦିନ ଯେ ଏ ପୁରାଣ ଶୁଣିବ । ଜନ୍ମ ଜନ୍ମାନ୍ତର ପାପ ତାର କ୍ଷୟ ହେବ ।। ଲକ୍ଷ୍ମୀପୂଜା ଦିନ ଏହା ଯେ ନାରୀ ଗାଇବ । ଇହ ଜନ୍ମେ ପତିବ୍ରତା ବୈକୁଣ୍ଠକୁ ଯିବ ।। ଯେବେ କେଉଁ ନାରୀ ଏହା ମୁଖେ ବୁଝାଇବ । ତାହାର ସୁକୃତ ଆଉ କେ କହିପାରିବ ।। ଏତେ କହି ଗୋବିନ୍ଦ ଧଇଲେ ଲକ୍ଷ୍ମୀହସ୍ତ । ଜଗତମାତ ବୋଇଲେ ତୁମ୍ଭେ କର ସତ୍ୟ ।। ଚଣ୍ଡାଳୁ ବ୍ରାହ୍ମଣଯାଏ ଖିଆଖୋଇ ହେବେ । ସମସ୍ତେ ଖାଇଣ ହସ୍ତ ଜଳେ ନ ଧୋଇବେ ।। ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ । ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ ।। ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ । ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।। ହେଉ ହେଉ ବୋଲି ଆଜ୍ଞା ଦେଲେ ମହାବାହୁ । ଯୁଗେ ଯୁଗେ ଲକ୍ଷ୍ମୀ ଗୋ ତୁମ୍ଭର ଯଶ ରହୁ ।। ଲକ୍ଷ୍ମୀଙ୍କ ହସ୍ତ ଧରିଣ ଜଗନ୍ନାଥ ନେଲେ । ବଡ଼ ଦେଉଳକୁ ପ୍ରଭୁ ବିଜେ କରିଗଲେ ।। ଲକ୍ଷେ ଚନ୍ଦ୍ରଉଦିଆ ଯେ

ଛାମୁରେ ଜଳଇ । ଦେଉଳକୁ ବିଜେକଲେ ବ୍ରହ୍ମାଣ୍ଡ ଗୋସାଇଁ ।। ଇନ୍ଦ୍ର ଡାକୁଛନ୍ତି ଦେବ ମଣିମା ମଣିମା । ବ୍ରହ୍ମା ଡାକୁଛନ୍ତି ଦେବ ଗୁହାରି ଶୁଣିମା ।। ବରୁଣ କୁବେର ଯେ ହସ୍ତରେ ବେତ ଧରି । ନୃତ୍ୟ କରୁଥିଲେ ତହିଁ ସ୍ୱର୍ଗ ଅପସରୀ ।। ରମ୍ଭା ଯେ ମେନକା ଆଦି ଆଉ ଚିତ୍ରଲେଖା । ତୁଳସୀ ମାଳତୀ ଆଉ ଅନ୍ୟାନ୍ୟ ରସିକା ।। ଚଞ୍ଚଳା ଯେ ମଦାଳସୀ ଆବର ସୁଶୀଳା । ନୃତ୍ୟ ଆରମ୍ଭନ୍ତି ତୁଷ୍ଟ ହୋଇ ସେ ଅବଳା ।। ବଳରାମ କହୁଛନ୍ତି ଶୁଣରେ କହ୍ନାଇ । ଘରକୁ ଘରଣୀ ସିନା ସୁନ୍ଦର ଦଂଶଇ ।। ଯେତେବେଳେ ଦାଣ୍ଡେ ଯାଉଥିଲୁ ଦୁଇଭାଇ । ଚୋର ଖଣ୍ଟ ବୋଲି ଦେଉଥିଲେ ଘଉଡାଇ ।। ଆହୁରି କଥାଏ ଶୁଣ ଜଗନ୍ନାଥ ଭାଇ । ଲକ୍ଷ୍ମୀ ଏଡ଼େ ବଡ଼ ବୋଲି ଏବେ ଜାଣିଲଇଁ ।। ଲକ୍ଷ୍ମୀ ଦେବୀ ବିଜେକଲେ ତାଙ୍କ ମନ୍ଦିରକୁ । ଜଗନ୍ନାଥ ବିଜେ କଲେ ବଡ଼ ଦେଉଳକୁ ।। ଦାସୀ ପରିବାରୀ ଆଦିକରି ଯେତେ ଥିଲେ । ଲକ୍ଷ୍ମୀ ଅଇଲାରୁ ସେ ସମସ୍ତ ଯେ ଅଇଲେ ।। ଲକ୍ଷ୍ମୀଙ୍କୁ ପାଇଣ ଦେବ ଗୋବିନ୍ଦ ଆନନ୍ଦ । ସଂସାରରେ ସେହି ମତେ କଲେକ ମୁକୁନ୍ଦ ।। ଶୁଣିଲ ନାରଦ ଏହି ପୁରାତନ ଆଖ୍ୟା । ଯାହା ଅପ୍ରସନ୍ନେ ପ୍ରଭୁ ମାଗିଲେ ଯେ ଭିକ୍ଷା ।। ଛାର ଚଣ୍ଡାଳୁଣୀ ଅଇଶ୍ୱର୍ଯ୍ୟ ଭୋଗକଲା । ଲକ୍ଷ୍ମୀଙ୍କର ସୁଦୟାରୁ ଏମନ୍ତ ହୋଇଲା ।। ଏ ପୁରାଣ ପଢ଼ିଲେ ଯେ ସର୍ବସିଦ୍ଧି ହୁଏ । ସୂର୍ଯ୍ୟୋଦୟ ତମ ସମ ପାପ କ୍ଷୟ ଯାଏ ।। ଏ ପୁରାଣ ଯେଉଁମାନେ ପଢ଼ନ୍ତି ଶୁଣନ୍ତି । ଲକ୍ଷେ କୋଟି ଗୋଦାନର ଫଳ ସେ ଲଭନ୍ତି ।। ଏ ପୁରାଣ ଅଟଇ ଯେ ମୁକତିର ପଥ । ଏହାଫଳ କଥନରେ କେ ହେବ ସମର୍ଥ ।। ଲକ୍ଷ୍ମୀଙ୍କ ପୁରାଣ ଏହୁ ସମ୍ପୂର୍ଣ୍ଣ ହୋଇଲା । ଭାବେ ବଳରାମ ଦାସ ଗୀତରେ ଗାଇଲା ।।

ଶ୍ରୀ ଶ୍ରୀ ଲକ୍ଷ୍ମୀଙ୍କର ସ୍ତବ: ତ୍ରୈଲୋକ୍ୟ ପୂଜିତେ ଦେବୀ କମଳେ ବିଷ୍ଣୁ ବଲ୍ଲଭେ, ଯଥା ତ୍ୱଂ ସୁସ୍ଥିରା କୃଷ୍ଣେ ଯଥା ଭବ ମହୀସ୍ଥିରା। ଈଶ୍ୱରୀ କମଳା ଲକ୍ଷ୍ମୀ ଚଞ୍ଚଳା ଶ୍ରୀ ହରିପ୍ରିୟା, ଦ୍ୱାଦଶୈତାନି ନାମାନି ଲକ୍ଷ୍ମୀ ସମ୍ପୂଜ୍ୟ ଯଃ ପଠେତ୍, ସ୍ଥିର ଲକ୍ଷ୍ମୀ ଭବେତ୍ତସ୍ୟ ପୁତ୍ର ଦାରାଦିଭିଃ ସହ।।

ପୁଷ୍ପାଞ୍ଜଳି: ନମସ୍ତେ ସର୍ବ ଦେବାନାଂ ବରଦାସୀ ହରିପ୍ରିୟେ ଯା ଗତି ସ୍ତ୍ୱଂ ପ୍ରସନ୍ନାନାଂ ସାମେ ଭୂୟାତ୍ୱଦର୍ଚ୍ଚନାତ୍।

**ଶ୍ରୀ ମହାଲକ୍ଷ୍ମୀଙ୍କର ସଂକ୍ଷିପ୍ତ ପୂଜା :**

ଧ୍ୟାନ ମନ୍ତ୍ର - ଓଁ ବିଷ୍ଣୁ ଶକ୍ତୌ ଚତୁର୍ଭୁଜା ବୈକୁଣ୍ଠ ବାସିନ୍ୟୈ ଶ୍ରୀ ହ୍ରୀଂ ମହାଲକ୍ଷ୍ମୀ ନାରାୟଣୀ ଦେବ୍ୟୈ ନମଃ।

ଗାୟତ୍ରୀ - ଓଁ ମହାଲକ୍ଷ୍ମୀ ବିଦ୍ମହେ ବୈକୁଣ୍ଠବାସିନ୍ୟୈ ଧୀମହୀ, ତନ୍ନୋ ଲକ୍ଷ୍ମୀ ପ୍ରଚୋଦୟାତ୍।

ଧ୍ୟାନ -ଓଁ କାନ୍ତ୍ୟା କାଞ୍ଚନସନ୍ନିଭଂ ହିମଗିରି ପ୍ରକ୍ଷ୍ୟୈଶ୍ଚ ତୁର୍ଭିର୍ଗଜୈଃ । ହସ୍ତୋତ୍କ୍ଷିପ୍ତ ହିରଣ୍ମୟୀ ମୃତଘଟୈ ରାଶିଚ୍ୟମାନା ପ୍ରିୟାମ୍, ବିଭ୍ରାଣଂ ବରମବଜଂ ଯୁଗ୍ମମଭୟଂ ହସ୍ତେ କରୀଟୋଜ୍ୱଳା, କ୍ଷୌମାବଦ୍ଧ ନିତମ୍ବ ବିମ୍ବଲଳିତଂ ବନ୍ଦେଽରବିନ୍ଦ ସ୍ଥିତଂ।

ବୈଦିକ ମନ୍ତ୍ର - ଓଁ ଲକ୍ଷ୍ମୀଦେବ୍ୟୈ ନମଃ-

ଆସନ ମନ୍ତ୍ର- ନାନାରତ୍ନ ସମାଯୁକ୍ତଂ କାର୍ତ୍ତସ୍ୱର ବିଭୂଷିତଂ, ଆସନଂ ବହୁ ମୂଲ୍ୟଂ ଚ ଗୃହିଣ ଜଗଦୀଶ୍ୱରୀ। ଇଦଂ ମାନସଂ ଓଁ ମହାଲକ୍ଷ୍ମ୍ୟୈ ନମଃ ।

ସ୍ୱାଗତ ମନ୍ତ୍ର- ସ୍ୱାଗତାର୍ଥଂ ପୁଷ୍ପିପଟକଂ ଗୃହାଣ ବୈକୁଣ୍ଠେଶ୍ୱରୀ ମୟା ନିବେଦିତ ଭକ୍ତ୍ୟା ପ୍ରସନ୍ନାଭବ ସର୍ବଦା । ଭୋ ମାତଃ କମଳା ! ସ୍ୱାଗତଂ ସୁ ସ୍ୱାଗତଂ ।।

ଆବାହନ ମନ୍ତ୍ର- ଆଗଚ୍ଛ ଦେବ ଦେବେଶି । ଦାରିଦ୍ର୍ୟ ଦୁଃଖ ନାଶିନୀ, କୃପୟା ଗୃହାଣ ପୂଜାଂ ମପ୍ରୋତି ପ୍ରସନ୍ନାଭବ।

ଅର୍ଘ୍ୟ ମନ୍ତ୍ର- ଅର୍ଘ୍ୟଂ ଗୃହାଣ ଦେବେଶୀ ଗନ୍ଧ ପୁଷ୍ପାକ୍ଷତୈର୍ଯୁତଂ, ଅର୍ଷତଂ ତବ ପ୍ରୀତ୍ୟାର୍ଥଂ ପ୍ରସୀଦ ଜଗଦୀଶ୍ୱରୀ। ଇଦମର୍ଘ୍ୟ ଓଁ ଶ୍ରୀ ମହାଲକ୍ଷ୍ମ୍ୟୈ ସ୍ୱାହାଃ ।।

ପାଦ୍ୟ ମନ୍ତ୍ର - ପାଦ୍ୟ ଗୃହାଣ ଦେବେଶି ଶିତଳଂ

ସୁମନୋହରଂ, ଅର୍ପିତ ପରାୟାଭକ୍ତ୍ୟା ଭୁବନାନନ୍ଦ କାରିଣୀ। ଏତତ୍ ପାଦ୍ୟଂ ଓଁ ଶ୍ରୀ ମହାଲକ୍ଷ୍ମୈ ନମଃ ।।

ସ୍ନାନୀୟ ମନ୍ତ୍ର- ନାନା ତୀର୍ଥୋଭବଂବାରୀ କୁଙ୍କୁମାଦୌ ସୁଶିତଳଂ, ମୟା ସମର୍ପିତଂ ଭକ୍ତ୍ୟା ସ୍ନାନାର୍ଥଂ ଲୋକ ଜନନୀ। ଇଦଂ ସ୍ନାନୀୟ ଜଳଂ ଓଁ ଶ୍ରୀ ମହାଲକ୍ଷ୍ମୈ- ବଷଟ୍।।

ଆଭରଣ ମନ୍ତ୍ର- ନାନା ରତ୍ନ ସମାକୀର୍ଣ୍ଣଂ ମାଳାଂ ସ୍ୱର୍ଣ୍ଣମୟୀ ତଥା, ମୁଦ୍ରିକାଂ ହସ୍ତ ପାଦଞ୍ଚ ଗୃହାଣ ଜଗଦୀଶ୍ୱରୀ, ଇଦଂ ସ୍ୱର୍ଣ୍ଣମାଳଂ ମୁଦ୍ରିକାଂ ଆଭରଣଂ ଶ୍ରୀ ମହାଲକ୍ଷ୍ମୈ ନମଃ ।

ଆଚମନୀୟ ମନ୍ତ୍ର- ନାନା ତୀର୍ଥୋଭବଂ ବାରି କର୍ପୂରାଦୌଃ ସୁବାସିତଂ । ଗୃହାଣାଚମନୀୟଂ ପ୍ରସନ୍ନାଭବ ଜନନୀ ।

ଇଦଂ ଆଚମନୀୟ ଓଁ ଶ୍ରୀ ମହାଲକ୍ଷ୍ମୈ ସ୍ୱାହା ।

ବସନ ମନ୍ତ୍ର- ବିଶୁଦ୍ଧେ ସୌନ୍ଦର୍ଯ୍ୟ କ୍ଷୌମେ ନୂତନ ସୁଶାଟିକେ, ମୟା ନିବେଦିତଂ ଭକ୍ତ୍ୟା ଗୃହାଣ ବୈକୁଣ୍ଠେଶ୍ୱରୀ। ଇଦଂ ସୋତ୍ତରୀୟ ଶାଟିକା ବସ୍ତ୍ରଂ ଓଁ ଶ୍ରୀ ମହାଲକ୍ଷ୍ମୈ ସମର୍ପୟାମି ନମଃ ।

ସୁଗନ୍ଧ ଦ୍ରବ୍ୟ ମନ୍ତ୍ର- ଶରୀରନ୍ତେ ନ ଜାନାମି ଚେଷ୍ଟା ଚୈବଚା ଦେବୟୋ । ମୟା ନିବେଦିତାନ୍ ଗନ୍ଧାନ୍ ପ୍ରାଗୃହାଣ ବିଲେପନଃ। ସିନ୍ଦୂର ମନ୍ତ୍ର- ଉଦିତାରୁଣ ସଂକାଶଂ ଜବା କୁସୁମ ସନ୍ନାଭଂ।

ସୀମନ୍ତ ଭୂଷଣାର୍ଥାୟ ସିନ୍ଦୂରଂ ପ୍ରତି ଗୃହ୍ୟତାଂ।।

କଜ୍ଜଳଂ ମନ୍ତ୍ର- କଜ୍ଜଳଂ କାମିକଂ ରମ୍ୟଂ କାମିନୀ କାମ ସମ୍ଭବଂ । ନେତ୍ରୟୋ ରଞ୍ଜନାର୍ଥାୟ କଜ୍ଜଳଂ ପ୍ରତି ଗୃହ୍ୟତାଂ।।

ଅଳତା ମନ୍ତ୍ର- ବନ୍ଧୁକ କୁସୁମଭାଷା ବାଳାର୍କଦ୍ୟୁତି ଗଞ୍ଜନଂ ପାଦ ଶୋଭା ମ୍ୟହଂ ଦେବୀ ! ଗୃହୀତାଂ ଜଗଦୀଶ୍ୱରୀ।।

ପାଦୁକା ମନ୍ତ୍ର- ପାପମଗୟନ୍ତି ଗ୍ରୀଷ୍ମ ବର୍ଷା ନିବାରଣାର୍ଥକଂ, ନିବେଦିତଂ ମୟାଦେବୀ ! ପାଦୁକାଂ ପ୍ରତି ଗୃହ୍ୟତାଂ।

ଚନ୍ଦନ ମନ୍ତ୍ର- ଚନ୍ଦନଂ ଶୀତଳଂ ରମ୍ୟ ସୌରଭଂ ଦେବତା ପ୍ରିୟଂ ଶ୍ରଦ୍ଧୟା ଚାର୍ପିତଂ ଦେବୀଂ ! ଗୃହ୍ୟତାଂ ଧନଦେ ଶୁଭେ। ଏଷଃ ଗନ୍ଧଃ ଓଁ ମହାଲକ୍ଷ୍ମୈ ନମଃ ।

ପୁଷ୍ପଦାନ ମନ୍ତ୍ର- ନାନା ବିଧାନ ପୁଷ୍ପାଣି ନାନାଗନ୍ଧ ଯୁତାନ ଚ ନାନା ବର୍ଣ୍ଣାନ୍ୟା ହୃତାନିଶୋଭାର୍ଥଂ ପ୍ରତି ଗୃହ୍ୟତାଂ, ଇଦଂ ପୁଷ୍ପଂ ଓଁ ଶ୍ରୀ ମହାଲକ୍ଷ୍ମୈ ବଷଟ୍ ।

ଧୂପ ନିବେଦନ ମନ୍ତ୍ର- ବନସ୍ପତି ରସୋଦ୍ଭୂତୋ ଗନ୍ଧାଢ୍ୟୋ ସୁମନୋହରଃ । ଆଘ୍ରେୟ ସର୍ବ ଦେବାନାଂ ଧୂପୋୟଂ ପ୍ରତି ଗୃହ୍ୟତାଂ ଏଷଃ ଧୂପଃ ଓଁ ଶ୍ରୀ ମହାଲକ୍ଷ୍ମୈ ସ୍ୱାହା ।

ଦୀପଦାନ ମନ୍ତ୍ର- ସ୍ୱପ୍ରକାଶ୍ୟ ମହାଜ୍ୟୋତି ସ୍ତିମିରୀ ପଦ୍ମଃ ସଦାହ୍ୟଭ୍ୟନ୍ତର ଜ୍ୟୋତିର୍ଦୀପୋୟଂ ପ୍ରତି ଗୃହ୍ୟତାଂ। ନୈବେଦ୍ୟ

ନିବେଦନ ମନ୍ତ୍ର- ଶର୍କରା ଖଣ୍ଡ ସଂଯୁକ୍ତଂ ଦଧିଦୁଗ୍ଧ ଘୃତାନ୍ୱିତଂ । ଲେହ୍ୟପେୟଂ ଭକ୍ଷଭୋଜ୍ୟଂ ନୈବେଦ୍ୟଂ ପ୍ରତି ଗୃହ୍ୟତାଂ। ଏଷନୈବେଦ୍ୟଂ ଓଁ ଶ୍ରୀ ମହାଲକ୍ଷ୍ମୈ ସ୍ୱାହା ।

ତାମ୍ବୁଳ ମନ୍ତ୍ର- ପୁଗିଫଳା ଲବଙ୍ଗଞ୍ଚ ପକ୍ୱ ପର୍ଣ୍ଣ ଦଳୈର୍ଯୁତଂ କର୍ପୁରୈକୀ ସମାଯୁତଂ ତାମ୍ବୁଳଂ ପ୍ରତି ଗୃହ୍ୟତାଂ। ଏସ ତାମ୍ବୁଳଂ ଓଁ ଶ୍ରୀ ମହାଲକ୍ଷ୍ମୈ ସ୍ୱାହା ।

ପୁଷ୍ପାଞ୍ଜଳି ମନ୍ତ୍ର- ନମଃ ଦେବୀ ମହାଲକ୍ଷ୍ମୀ ସର୍ବ ସମ୍ପଦ ଦାୟିନୀ ସର୍ବ ଦୁଃଖ ହାରିଃଦେବୀ ଗୃହାଣ କୁସୁମାଞ୍ଜଳିଂ।

ସ୍ତୁତିପାଠ ମନ୍ତ୍ର- ନମସ୍ତେସ୍ତୁ ମହାମାୟେ ଶ୍ରୀପୀଠେ ସୁରପୂଜିତେ । ଶଙ୍ଖ ଚକ୍ର ଗଦାହସ୍ତେ ମହାଲକ୍ଷ୍ମୀ ନମୋଽସ୍ତୁତେ। କ୍ଷମାପ୍ରାର୍ଥନା ମନ୍ତ୍ର- ମନ୍ତ୍ର ତନ୍ତ୍ର କ୍ରିୟାଚାର ଭାବ ଭକ୍ତ୍ୟା ନ୍ୟଥାକୃତମ୍।

ଯଦର୍ଚ୍ଚିତଂ ମୟାଦେବୀ, ପରିପୂର୍ଣ୍ଣଂ ତଦସ୍ତୁମେ।।

ପ୍ରଣାମ ମନ୍ତ୍ର- ବିଶ୍ୱ ରୂପସ୍ୟ ଭାର୍ଯ୍ୟାସି ପଦ୍ମେ ପଦ୍ମାଳୟେ ଶୁଭେ ସର୍ବତଃ ପାହିମାଂ ଦେବୀ ମହାଲକ୍ଷ୍ମୀ ନମୋଽସ୍ତୁତେ। ବନ୍ଦେହଂ ଧନଦାତ୍ରୀ ମହାଲକ୍ଷ୍ମୀଂ ଦେବୀ ନମୋନମାମି। ମାତା ଲକ୍ଷ୍ମୀଙ୍କୁ ପଦ୍ମଫୁଲ ଦେଇ ପୂଜା କଲେ ପୂଜାର ସୁଫଳ ମିଳେ ଓ ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଥାଆନ୍ତି ।

: ଇତି ମହାଲକ୍ଷ୍ମୀ ପୁରାଣ ସମାପ୍ତ :

odia.org

ଓଡିଆ ଘର ଏବଂ ଓଷା ଉପାସ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡିତ । କିନ୍ତୁ, ଓଡିଶା ବାହାରେ ରହୁଥିବା ଓଡିଆ ମାନଙ୍କର ଓଷା ଓ ବ୍ରତ ପାଳନ କରିବାକୁ ଇଛା ଥିଲେହେଁ, ପୁସ୍ତକର ଘୋର ଅଭାବ ଯୋଗୁଁ ଏ ସଂସ୍କୃତି ଲୁପ୍ତପ୍ରାୟ । ଏଣୁ ଏ ସମସ୍ତ ପୁସ୍ତକ ଯୋଗାଇବା ନିମନ୍ତେ ଏହା ଆମର ଏକ କ୍ଷୁଦ୍ର ପ୍ରଚେଷ୍ଟା ।

ଏଥିଯୋଗୁଁ ଓଷା ଓ ବ୍ରତ ପାଳନ କରିବାକୁ ଅନେକ ଓଡିଆ ଆଗଭର ହେବେ ଏବଂ ଆମର ସଂସ୍କୃତିର ସୁରକ୍ଷାଦିଗରେ ସତତ ଚେଷ୍ଟା କରିବେ । ଏହାହିଁ ଆମର କାମ୍ୟ ।

- ଓଡିଆ ଡଟ୍ ଅର୍ଗ ପରିବାର

ଆସନ୍ତୁ, ପାଦେ ଆଗେଇବା